୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.21 Bhubaneswar Sunday February 25 2024 | ୨୬ତମ ବର୍ଷ ସଂଖ୍ୟା-୨୧ ଭୁବନେଶ୍ୱର, ରବିବାର, ଫେବୃଆରୀ ୨୫, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS







## ଜୁଲାଇ ପହିଲାରୁ ଲାଗୁ ହେବ ୩ ନୂଆ ଫୌଜଦାରୀ ଆଇନ



ଭୁବନେଶ୍ୱର,୨୪।୨(ପି.ଏନ): ଭାରତୀୟ ଆଇନ ପ୍ରକ୍ରିୟାରେ ୩ଟି ନୂଆ ଫୌଜଦାରୀ ଆଇନ ଲାଗୁ ହେବାକୁ ଯାଉଛି। ଏହି ତିନୋଟି ନୂଆ ଅପରାଧିକ ନିୟମ ଜୁଲାଇ ପହିଲାରୁ କାର୍ଯ୍ୟକାରୀ ହେବ। ଏନେଇ ଆଜି କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଯାଇଛି।ଏହି ତିନି ଅପରାଧିକ ନିୟମ ହେଉଛି, ଭାରତ ନ୍ୟାୟ ସଂହିତା, ଭାରତୀୟ ନାଗାରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ। ବ୍ରିଟିଶ କାଳରୁ ଚାଲି ଆସିଥିବା ଇଣ୍ଡିଆନ ପେନାଲ କୋଡ (ଆଇପିସି) ଏବଂ କୋଡ ଅଫ୍ କ୍ରିମିନାଲ ପ୍ରୋସିଜର୍ (ଉକ୍ବଚଉ) ପରିବର୍ତ୍ତ ? ଭାରତୀୟ ନ୍ୟାୟ ସଂହିତା ଲାଗୁ ହେବ।

## ରାଜେଶ ପାଟିଲ ବିଏମ୍‌ସିର ନୂଆ କମିଶନର

ଭୁବନେଶ୍ୱର,୨୪।୨(ପି.ଏନ): ବଦଳିଛନ୍ତି ଭୁବନେଶ୍ୱର ମହାନଗର ନିଗମ (ବିଏମସି) କମିଶନର । ବିଏମସିର ନୂଆ କମିଶନର ହୋଇଛନ୍ତି ରାଜେଶ ପାଟିଲ ।ରାଜେଶ ବର୍ତ୍ତମାନ ରାଜ୍ୟ ସରକାରଙ୍କର ସହଯୋଗ ବିଭାଗର କମିଶନର ତଥା ସଚିବ ଦାୟିତ୍ୱ ସହ ଗୃହ ଓ ସହରୀ ବିକାଶ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି । ଏନେଇ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ (ଜିଏ) ଓ ଜନ ଅଭିଯୋଗ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି ।ତେବେ ଶ୍ରୀ ପାଟିଲ ସହଯୋଗ ବିଭାଗର ସଚିବ ତଥା କମିଶନର, ଗୃହ ଓ ସହରୀ ବିକାଶ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅତିରିକ୍ତ ଦାୟିତ୍ୱରେ ରହିବେ ବୋଲି କୁହାଯାଇଛି । ଅନ୍ୟପକ୍ଷରେ ବିଏମସି କମିଶନର ବିଜୟ ଅମୃତ କୁଲାଙ୍ଗେ ୧ ମାସ ପାଇଁ ଛୁଟିରେ ଯିବେ ।

## ମାଟ୍ରିକ୍ ପରୀକ୍ଷା: ସିସିଟିଭି ଲାଗିଛି, ଏଆଇ ଜଗିଛି, ତଥାପି ପିଛା ଛାଡୁନି ବିବାଦ



ଭୁବନେଶ୍ୱର,୨୪।୨(ପି.ଏନ): ସିସିଟିଭି ଲାଗିଛି। ଏଆଇ ଜଗିଛି। ତଥାପି ସମସ୍ତଙ୍କ ଆଖିରେ ଅନ୍ଧପୁଟୁଳି ବାନ୍ଧି କାଲି ପରୀକ୍ଷା ପୂର୍ବରୁ ସୋଶାଲ୍ ମିଡିଆରେ ଘୂରିବୁଲିଲା ମାଟ୍ରକ୍ ? ପରୀକ୍ଷାର ଇଂରାଜୀ ଭାଷାର ଉଭୟ ସବଜେକ୍ଟିଭ୍ ଓ ଅବଜେକ୍ଟିଭ୍ ପ୍ରଶ୍ନପତ୍ର। ତା' ସାଙ୍ଗକୁ ବୁଲିଲା ଉତ୍ତର। ପୁଣି ଗୋଟିଏ ନୁହେଁ, ଚାରି ଚାରିଟି ସେଟର ପ୍ରଶ୍ନପତ୍ର ଓ ଉତ୍ତର ଭାଇରାଲ ହେଲା।ସକାଳ ୯ଟାରେ ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ୮ଟା ୧୪ରୁ ହ୍ୱାଟସଆପ ଏବଂ ସୋଶାଲ୍ ମିଡିଆର ବିଭିନ୍ନ ପ୍ଲାଟଫର୍ମ୍ ?ରେ ଭାଇରାଲ ହୋଇଯାଇଥିଲା ପ୍ରଶ୍ନପତ୍ର। ତେବେ ସେତେବେଳେ ସତ ମିଛ ପରଖିବାର ଅବକାଶ ନଥିଲା। ଦ୍ୱନ୍ଦ୍ୱରେ ଥିଲେ ସମସ୍ତେ। ହେଲେ ସାଢେ ୧୧ ଟାରେ ପରୀକ୍ଷା ସରିବା ପରେ ବୋର୍ଡ ପରୀକ୍ଷାରେ ପଡ଼ିଥିବା ପ୍ରଶ୍ନପତ୍ର ସହ ଭାଇରାଲ୍ ପ୍ରଶ୍ନପତ୍ର ସମ୍ପୂର୍ଣ୍ଣ ମେଳ ଖାଉଥିବା ଦେଖିବାକୁ ମିଳିବାରୁ ହଇଚଇ ଖେଳିଯାଇଥିଲା। ଉଦବେଗ ପ୍ରକାଶ କରିଥିଲେ ଅଭିଭାବକ। ହେଲେ ବୋର୍ଡ କର୍ତ୍ତୃପକ୍ଷ ଏଭଳି ଅଭିଯୋଗକୁ ସଂପୂର୍ଣ୍ଣ ଖଣ୍ଡନ କରିବା ସହ ବିଭ୍ରାନ୍ତ କରିବାକୁ କେହି ଏଭଳି କରିଥିବା କହିଛନ୍ତି।ଏଠି ପ୍ରଶ୍ନ ଉଠୁଛି ଯଦି ପ୍ରଶ୍ନପତ୍ର ଲିକ୍ ହୋଇନାହିଁ, ସକାଳ ୮ଟା ୧୪ରୁ ପ୍ରଶ୍ନପତ୍ର ସୋଶାଲ୍ ମିଡିଆକୁ ଆସିଲା କେମିତି ବଡ କଥା ହେଉଛି, ପ୍ରଶ୍ନପତ୍ର ଲିକ୍ କଥାକୁ ବୋର୍ଡ ଅସ୍ୱୀକାର କରିଥିଲେ ବି ଯାଜପୁର ଜିଲ୍ଲା ଆଉଁରି ପଞ୍ଚାୟତ ଜିସି ହାଇସ୍କୁଲରେ ନିର୍ଦ୍ଧାରିତ ସମୟ ପୂର୍ବରୁ ପ୍ରଶ୍ନପତ୍ର ଖୋଲାଯାଇଥିବା ଏଆଇ ଧରିଛି। ୮ଟା ୩୦ରେ ପ୍ରଶ୍ନପତ୍ର ଖୋଲାଯିବାକୁ ଥିବା ବେଳେ ଏଠି ୮ଟା ୧୪ରେ ଖୋଲାଯାଇଥିଲା ପ୍ରଶ୍ନପତ୍ର। ସେହିପରି ଭଦ୍ରକର ମଦନମୋହନ ହାଇସ୍କୁଲରେ ମଧ ପ୍ରଶ୍ନପତ୍ର ନିର୍ଦ୍ଧାରିତ ସମୟ ପୂର୍ବରୁ ଖୋଲାଯାଇଥିବା ଏଆଇ ନଜରରେ ଆସିଛି।











# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି

ବାପା-କିଏ କିଏ ଆସୁଛନ୍ତି ?

ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଲି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଝଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା। ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼। କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁ ଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋ।ଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ



ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। ‘ହେନ ନା’ ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। ‘ହେନ ନା’ ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା’ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସଓ୍ୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ


ମେଷ

ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ

ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ

ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


କର୍କଟ

ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ

ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା

ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା

ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା

ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ

ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର

କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ

ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ

ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।

୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.21 Bhubaneswar Sunday February 25 2024 | ୨୬ତମ ବର୍ଷ ସଂଖ୍ୟା–୨୧ ଭୁବନେଶ୍ୱର, ରବିବାର, ଫେବୃଆରୀ ୨୫, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS




## ୨୨ ବର୍ଷ ପରେ ଆସିଲା ରାୟ: ୬ ଜଣଙ୍କୁ ଆଜୀବନ କାରାଦଣ୍ଡ, ୧୦ ନିର୍ଦ୍ଦୋଷରେ ଖଲାସ



ଭୁବନେଶ୍ୱର,୨୪।୨(ପି.ଏନ): ନୟାଗଡ଼ ଜିଲ୍ଲା କେଶପାନିଆ ଗାଁର ମଦନ ନାୟକଙ୍କ ହତ୍ୟା ମାମଲାରେ ୨୨ ବର୍ଷ ପରେ ଆସିଛି ରାୟ। ୧୮ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୬ ଜଣଙ୍କୁ କୋର୍ଟ ଆଜୀବନ କାରାଦଣ୍ଡାଦେଶ ଦେଇଥିବା ବେଳେ ୧୦ ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଆଉ ୨ ଅଭିଯୁକ୍ତଙ୍କ ମୃତ୍ୟୁ ଘଟି ସାରିଛି।୬ ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେବା ସହିତ ୧୦ ହଜାର ଟଙ୍କା ଲେଖାଏଁ ଜୋରିମାନା ଦେବାକୁ ଓଡଗାଁ ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜୋରିମାନା ନ ଦେଲେ ସେମାନଙ୍କୁ ଅଧିକ ୬ ମାସ ଲେଖାଏଁ ଜେଲ୍ ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ସାଇବର ଠକେଇ ମାମଲା, ଭୁବନେଶ୍ୱରର ଏକ ଫ୍ଲାଟରେ ଦିଲ୍ଲୀ ପୋଲିସର ରେଡ୍?

ଭୁବନେଶ୍ୱର,୨୪।୨(ପି.ଏନ): ଦିନକୁ ଦିନ ସାଇବର ଠକେଇ ମାମଲା ବୃଦ୍ଧି ପାଇବାରେ ଲାଗିଛି ଯାହା ସାଧାରଣ ଜନତା ଓ ପୋଲିସ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି । ସେହିପରି ଏକ ଘଟଣା ଦେଖିବାକୁ ମିଳିଛି ରାଜଧାନୀରେ । ସାଇବର ଠକେଇ ମାମଲାରେ ଦିଲ୍ଲୀ ପୋଲିସ ଭୁବନେଶ୍ୱର ପହଞ୍ଚିଛି । ଲକ୍ଷ୍ମୀସାଗର ଅଞ୍ଚଳରେ ଏହି ରେଡ୍ ହୋଇଥିବା ସୂଚ଼ନା ମିଳିଛି । ଉକ୍ତ ଅଂଚ଼ଳର ଏକ ଫ୍ଲାଟରୁ ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ଦିଲ୍ଲୀ ପୋଲିସ ଉଠାଇ ନେଇ ପଚ଼ରା ଉଚ଼ରା ଜାରି ରଖିଛି । ଏହି ଚ଼ଢ଼ାଉ ସମୟରେ ଏକ ଲାପଟପ୍ ମଧ୍ୟ ଜବତ କରାଯାଇଛି ।ସୂଚ଼ନାରୁ ପ୍ରକାଶ ସାଇବର ଠକେଇର ତଦନ୍ତ କରିବା ପାଇଁ ଦିଲ୍ଲୀ ପୋଲିସ ଆଇପି ଆଡ୍ରେସ୍ ଟ୍ରାକ କରି ଭୁବନେଶ୍ୱର ଆସିଛନ୍ତି । ଦିଲ୍ଲୀ ପୋଲିସର ସାଇବର ୱିଙ୍ଗ୍ ଏହି ରେଡ୍ କରୁଛି ।

## ରାଜଧାନୀ ଭୁବନେଶ୍ୱରରେ କୋହଲା ପାଗକୁ ଝିପିଝିପି ବର୍ଷା; ଯାତାୟତରେ ଅସୁବିଧା

ଭୁବନେଶ୍ୱର,୨୪।୨(ପି.ଏନ): ଆଜି ଟ୍ୱିନ ସିଟି କଟକ ଓ ଭୁବନେଶ୍ୱରରେ ହାଲୁକା ବର୍ଷା ହେଉଛି । ଏହା ବ୍ୟତୀତ ସାମାନ୍ୟ କୋହଲା ପାଗ ସାଙ୍ଗକୁ ଝିପିଝିପି ବର୍ଷା ଲାଗି ରହିଛି । ଏହି ପାଗ ଆସନ୍ତାକାଲି ପର୍ଯ୍ୟନ୍ତ ରାଜ୍ୟରେ ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ (ଭୁବନେଶ୍ୱର) ପକ୍ଷରୁ କୁହାଯାଇଛି । ଘୂର୍ଣ୍ଣିବଳୟ ପ୍ରଭାବରେ ଏପରି କୋହଲା ପାଗ ଲାଗି ରହିବ ।ପାଣିପାଗ ବିଭାଗର ସୂଚ଼ନା ଅନୁଯାୟୀ, ୨୬ ତାରିଖ ପରେ ଏପରି ପାଣିପାଗରେ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି । ଉପକୂଳ ଓଡିଶାର ବିଭିନ୍ନ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି। ତେବେ ଅସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ଏପରି କୋହଲା ପାଗ ଲାଗିରହିବ ।ତେବେ ଉପକୂଳ ଓଡିଶାର ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ନୟାଗଡ, ଖୋର୍ଦ୍ଧା, ପୁରୀ, ତଥା ଆଭ୍ୟନ୍ତରୀଣ ଓଡ଼ିଶାର ଅନୁଗୁଳ, କେନ୍ଦୁଝର, ଢେଙ୍କାନାଳର କିଛି ଜିଲ୍ଲାରେ ମେଘୁଆ ଆକାଶ ସହ କୋହଲା ପାଗ ତଥା ଉପକୂଳ ଓଡିଶାର କିଛି ଜିଲ୍ଲାରେ ହାଲୁକା ବର୍ଷା ଲାଗିରହିଛି ।

## ଲୋକସଭା ନିର୍ବାଚ଼ନ: ମୋଦିଙ୍କ ସମେତ ୧୦୦ ପ୍ରାର୍ଥୀଙ୍କ ନାଁ ଘୋଷଣା କରିବ ବିଜେପି !



ଭୁବନେଶ୍ୱର,୨୪।୨(ପି.ଏନ): ଆସନ୍ତା ମାସରେ ନିର୍ବାଚ଼ନ କମିଶନ ଦେଶର ସାଧାରଣ ନିର୍ବାଚ଼ନ କେବେ ହେବ, ତା'ର ତାରିଖ ଘୋଷଣା କରିପାରନ୍ତି। ତାରିଖ ଘୋଷଣା ହେବା ପୂର୍ବରୁ କେନ୍ଦ୍ରରେ କ୍ଷମତାସୀନ ବିଜେପି ପ୍ରଥମ ଦଫାରେ ୧୦୦ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିବ।ଗୁରୁବାର ଦିନ ଦଳ ପକ୍ଷରୁ ୧୦୦ ଜଣ ପ୍ରାର୍ଥୀଙ୍କ ନାଁ ଓ ସେମାନେ କେଉଁଠି ଲଢ଼ିବେ, ତା'ର ତାଲିକା ଜାରି କରାଯିବ। ଏହି ତାଲିକାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ନାଁ ରହିବ ବୋଲି ବିଜେପି ସୂତ୍ରରୁ ଜଣାପଡିଛି।






# ବହୁରୂପୀ


ସୁଦର୍ଶନ ମହାପାତ୍ର

ଭୁବନେଶ୍ୱରରୁ କାମ ସାରି ଫେରିବା ବାଟରେ ଦେଖା ହୋଇଥିଲା ଯୁବକ ଜଣକ ସହ। ହାଇଟେକ୍ କଲେଜ୍ ଛକ ପରେ ପରେ ଯେଉଁଠି ଓଭରବ୍ରିଜ୍ କାମ ଚାଲିଛି,ସେଇ ପାଖାପାଖି ସେ ଠିଆ ହୋଇଥିଲା। ତା' କାଖରେ ଆଶାବାଡି ଦେଖି ବୁଝି ହେଉଥିଲା ସେ ଛୋଟା(ଦିବ୍ୟାଙ୍ଗ) ବୋଲି। ଏମିତି ସେଇ ଜାଗାରେ ପ୍ରାୟ ଟ୍ରାଫିକ ଜାମ ହୁଏ। ଦୀର୍ଘ କେତେ ବର୍ଷ ଧରି ସେଇ କାମଟି ଚାଲିଛି ଯେ ,ସରିବାର ନାଁ ନାହିଁ।

ବାଇକ୍ ଆପାତତଃ ଧୀର ଗତିରେ ଚାଲୁଥିଲା ତ ଯୁବକଟିର ଇସାରାରେ ମୁଁ ତା ପାଖରେ ଅଟକିଗଲି।

-' ଆଜ୍ଞା,ମୋତେ ଟିକିଏ ପ୍ରତାପନଗରୀ ପର୍ଯ୍ୟନ୍ତ ନେଇଯିବେ ?'

ଅଗତ୍ୟା ମୁଁ ତାକୁ ମୋ ବାଇକ ପଛରେ ବସିବାକୁ ଜାଗା ଠିକ୍ କରିଦେଲି। ସାମାନ୍ୟ ସାହାଯ୍ୟ କରିବାରୁ ସେ ଠିକ୍ ଭାବରେ ବସିପଡ଼ିଲା। ରାସ୍ତାରେ ତା ସହିତ ପ୍ରାୟ ଆଉ ବିଶେଷ କିଛି କଥାବାର୍ତ୍ତା ହୋଇ ନଥିଲି କହିଲେ ଚଳେ।

ଇତି ମଧ୍ୟରେ ପ୍ରତାପନଗରୀ ଆସି ଯାଇଥିଲା। ତଥାପି ଯୁବକଟି ଗାଡ଼ି ଅଟକାଇବାକୁ ନକହିବାରୁ ମୋ ନିଜ ଆଡୁ କେଉଁଠି ଓହ୍ଲାଇବ ବୋଲି ପଚାରିଲି।

-' ଓ ହୋ, ପ୍ରତାପନଗରୀ ହୋଇଗଲା ? ମୋତେ ଏଇଠି ଓହ୍ଲାଇ ଦିଅନ୍ତୁ।'

ତା' କଥାରେ ମୁଁ ଗାଡି ଅଟକେଇଲି ଏବଂ ସେ ଧିରେ ଓହ୍ଲାଇ ଗଲା। ଆଶା ବାଡିଟି ଧରି ଠିକ୍ ଠାକ୍ ଠିଆ ହେଲାପରେ, ମୁଁ ଆଗକୁ ଗାଡି ଗଡେଇଲି। ଟିକିଏ ଆଗକୁ ଯାଇ, ଯୁବକଟି ସେଇଠି ସେ ପର୍ଯ୍ୟନ୍ତ ଠିଆ ହୋଇଥିବାର ଗାଡ଼ି ମିରରରେ ଦେଖିଲି।ହଠାତ୍ କାହିଁକି କେଜାଣି ଯୁବକଟି ଉପରେ ସନ୍ଦେହ ଜାତ ହେଲା। ସେ କ'ଣ ପ୍ରତାପନଗରୀ କେଉଁଠି ଜାଣି ନଥିଲା ? ଷ୍ଟପେଜ ଚିହ୍ନି ପାରିଲାନି କେମିତି ? ମନରେ ଏମିତି ଆଜେବାଜେ ଚିନ୍ତା ଆସିଲା ଏବଂ ତା' ବିଷୟରେ ଅଧିକ କିଛି ନଭାବିବାକୁ ଠିକ୍ କରି ଗାଡି ଚଲେଇଲି।

କିଛି ସମୟ ପରେ ଲିଙ୍କରୋଡ୍ ରେ ପହଞ୍ଚିଗଲି। କିଛି ଅତ୍ୟାବଶ୍ୟକୀୟ ଜିନିଷ କିଣିବାକୁ ଗାଡି ଅଟକେଇଲି। ହେଲେ ମନିପର୍ସ ପ୍ୟାଣ୍ଟ୍ ପକେଟରୁ ଗାଏବ ହୋଇ ଯାଇଥିଲା ବୋଲି ଜାଣିଲି । ସେଇ ଯୁବକଟି ମୋ ସନ୍ଦେହ ପରିସରକୁ ଆସିଯିବା ସ୍ୱାଭାବିକ ! ମନେ ପଡିଲା ସେ ଏକରକମ ମୋ ପଛପଟେ ଦେହକୁ ଲାଗି ଜାକି ହୋଇ ବସିଥିଲା। ଲିଙ୍କରୋଡ୍ ଛକରୁ ଡାହାଣ ପଟକୁ ବୁଲି ପୁଣି ପ୍ରତାପନଗରୀ ଷ୍ଟପେଜ ପାଖରେ ପହଞ୍ଚିବାକୁ ଯେତିକି ସମୟ ଲାଗିବ, ସେ ଟୋକା ତ ସେଠାରୁ ଛୁ ମାରି ସାରିଥିବ ଭାବି ସେ ପ୍ରକାର ଚେଷ୍ଟାରୁ ନିବୃତ୍ତ ରହିଲି। ଦୁଇ ହଜାର ଭଳି ଟଙ୍କା ସାଙ୍ଗକୁ କିଛି ଅତ୍ୟାବଶ୍ୟକୀୟ କାଗଜପତ୍ର ଏମିତି ଭାବରେ ସେ ଟୋକା ଗାଏବ କରିଦେବ ବୋଲି କେବେ କଳ୍ପନା ହିଁ କରି ନଥିଲି।

ପର୍ସ ଟି ଫେରି ପାଇବା ଅସମ୍ଭବ ଲାଗୁଥିଲେ ବି ନିୟମ ପୂର୍ବକ ଲିଙ୍କରୋଡ୍ ସ୍ଥିତ ମଧୁପାଟଣା ଥାନାରେ ଏଫ ଆଇ ଆର୍ ଦେଲି।

-' ଆପଣ କାହିଁକି ଅଜଣା ଅଶୁଣା ଲୋକଙ୍କୁ ଲିଫ୍ଟ ଦେଉଥିଲେ ?ଆପଣ କ'ଣ ପେପର ରେ ଏସବୁ ଖବର ପଢୁନାହାନ୍ତି ? ସେ ଟାଉଟର ଗୁଡାଙ୍କୁ ଧରିବା ମୁସ୍କିଲ।' କହିଲେ ପୋଲିସ ଇନ୍ସପେକ୍ଟର ବିକାଶ ପଟ୍ଟନାୟକ ।

-' ସାର୍ ଦେଖନ୍ତୁ ମଣିଷପଣିଆ ଦେଖାଇବାଟା ପାପ ଏବଂ ସେ ପାପର ଏମିତି ପ୍ରାୟଶ୍ଚିତ କରିବାକୁ ହୁଏ ବୋଲି ଜାଣିଥିଲେ ମୁଁ କଦାପି ଏ ପାପ କରିନଥାନ୍ତି।' ଉଦବେଗ ପ୍ରକାଶ କରି କହିଲି। ଏତିକିରେ ପୋଲିସ ମହାଶୟ ମୋତେ ସମବେଦନା ଜଣାଇବା ସହିତ ଯୁବକଟିକୁ ଖୋଜି ପାଇବାକୁ ଚେଷ୍ଟା କରିବେ ବୋଲି ଆଶ୍ୱାସନା ଦେଲେ। ନିଜ ଭାଗ୍ୟକୁ ନିନ୍ଦିବା ଛଡ଼ା ମୋ ପାଖରେ ଆଉ କିଛି ବାଟ ନଥିଲା। ଘରକୁ ଫେରିଲି ଭଗ୍ନମନ ନେଇ...!!!

ଏହା ମଧ୍ୟରେ ଦୁଇ ମାସ ଗଡି ଯାଇଥିଲା। ମୋ ପର୍ସ ଫେରି ପାଇ ନଥିଲି। ଏଇ ସମୟ ଭିତରେ ଥରେ ଦୁଇଥର ସେଇ ବାଟ ଦେଇ ବି ଫେରିଛି। ହେଲେ ସେ ଯୁବକର ପତ୍ତା ମିଳି ନଥିଲା। ଏବେ କହୁଛି ଗତକାଲିର ଘଟଣା।ସେ ଯୁବକଟି ସହିତ ଦେଖାହେଲା ଭୁବନେଶ୍ୱର ରୁ କଟକ ଆସିବା ବାଟରେ...,ସେଇ ଛକରେ...। ସେ ମୋତେ ଭୁଲି ସାରିଥିଲା ନିଶ୍ଚୟ। ନଚେତ୍ ହାତ ଦେଖାଇ ଅଟକେଇ ନଥାନ୍ତା ମୋତେ। ଏଥର କିନ୍ତୁ ଆଶାବାଡି ନଥିଲା ତା' କାଖରେ।ଅନ୍ଧର ଅଭିନୟ କରୁଥିଲା। ଶୀତ ଦିନ ହେତୁ ଘୋଡେଇ ହୋଇ ଥିଲା ଏବଂ ମୁଣ୍ଡରେ ପଗଡି ଭଳି ଗାମୁଛାଟିକୁ ବାନ୍ଧିଥିଲା। ମୁହଁରେ ଅଳ୍ପ ଅଳ୍ପ ନିଶ ଦାଢ଼ି। ହେଲେ ତା ଆଖିପତାରେ ଥିବା କଟାଦାଗ ମୋତେ ତାକୁ ଚି ?ହ୍ନାଇ ଦେବାରେ ସାହାଯ୍ୟ କଲା।ମୋ ସାହାଯ୍ୟ ନେଇ ସେ ବସିଲା ମୋ ପଛରେ।ଆଗଥର ପରି, ଦେହକୁ ଏକବାର ଲାଗି। ଗାଡ଼ିର ବେଗ ବଢାଇ ମୁଁ କଟକ ଆଡେ ମୁ ?ହାଁଇଲି।

-' ସାର୍ ପ୍ରତାପନଗରୀ ବୋଧେ ପାର କରି ଗଲେଣି ଆପଣ। ଗାଡି ଧୀର କରନ୍ତୁ। ମୁଁ ଓହ୍ଲାଇବି ପରା।' ହଠାତ୍ ପଛରୁ ମୋତେ ଶୁଭିଲା।

ଭାବୁଥିଲି ପଚାରିବାକୁ 'ଆଖିରେ ଦୃଷ୍ଟି ଶକ୍ତି ନଥାଇ କେମିତି ଜାଣିଲୁ ପ୍ରତାପନଗରୀ ପାର ହୋଇଯାଇଛି ବୋଲି ?' । ହେଲେ କିଛି ପଚାରିଲିନି।

ଠିକ୍ ଜାଗାରେ ଓହ୍ଲାଇ ଦେବି କହି ଗାଡିର ଗତି ଆହୁରି ଟିକେ ବଢାଇଲି। ମନରେ ଭୟ ବି ଥିଲା। କାଳେ ଯୁବକଟି ଛୁରୀ କିମ୍ବା କିଛି ହତିଆର କାଳେ ରଖିଥିବ !!

-' ଆରେ ସତେତ ଅନ୍ୟମନସ୍କ ହୋଇ ପ୍ରତାପନଗରୀ ଷ୍ଟପେଜ କ୍ରସ କରି ସାରିଲିଣି। ୱାନ ଓ୍ୱେ ରେ ଆଉ ତ ପଛକୁ ଫେରି ହେବନି।ପର ଷ୍ଟପେଜ ରେ ଓହ୍ଲାଇ ଦେବି।

ସିଧା ମଧୁପାଟଣା ଥାନା ପରିସରରେ ଗାଡି ଅଟକେଇଲି। ସାମ୍ନାରେ ଥିଲେ ଇନ୍ସପେକ୍ଟର ବିକାଶ ପଟ୍ଟନାୟକ। ଆସାମୀକୁ ପୋଲିସଙ୍କ ଜିମା ଦେଲି ଏବଂ ସବୁ କଥା ପୁଙ୍ଖାନୁପୁଙ୍ଖ ଭାବେ ବର୍ଣ୍ଣନା କଲି। ତା'ପାଖରୁ ମୋର ଏବେକାର ପର୍ସଟି ଉଦ୍ଧାର କଲି। ମୋ ସାମ୍ନାରେ ତା'ର ଜେରା ଚାଲିଥିଲା।ଆଗ ପର୍ସଟି ବିଷୟରେ ସେ କିନ୍ତୁ ବେପରୁଆ ଭାବରେ ଉତ୍ତର ଦେଉଥିଲା।

- ' ଆପଣ ଏବେ ଯାଆନ୍ତୁ ପରେଶ ବାବୁ। ଏ ଟୋକାକୁ ତିନି ଚାରି ଦିନ ଖୁଆଡ ରେ ରଖି ଉତ୍ତମ ମଧ୍ୟମ ଦେଲେ ସେ ଆପେ ବାଟକୁ ଆସିଯିବ।' କହିଲେ ପୋଲିସ ଇନ୍ସପେକ୍ଟର।

ମୁଁ ସେଠାରୁ ଫେରିବାର ଉପକ୍ରମ କଲି। ଗାଡି ଷ୍ଟାର୍ଟ କରିବା ପୂର୍ବରୁ ଆଉଥରେ ବୁଲି ପଛକୁ ଚାହିଁଲି। ପୋଲିସ ଏବଂ ଆସାମୀ ଦୁହେଁ ମୋ ଆଡକୁ ଚାହିଁ ମୁରୁକି ମୁରୁକି ହସୁଥିଲେ...!!

*କୁଞ୍ଜବିହାରୀ ଲେନ, କଟକ*

# ଆଲୋ ସଖି ଆପଣା ମହତ ଆପେ ରଖି


ସୁଚରିତା ମହାନ୍ତି

କ୍ଲାସ୍ ସାରି ଘରକୁ ଫେରିବା ପର୍ଯ୍ୟନ୍ତ ମୁଁ ସବୁବେଳେ ଭାରି ଚିନ୍ତାରେ ଥାଏ। ସେଦିନ କ୍ଲାସ୍ ସରିବା ବେଳକୁ ଦୁଇଟା ପନ୍ଦର ହେଲାଣି। ଛାନିଆ ହୋଇ ମେସ୍ କୁ ଧାଇଁଲି ତେଣେ ବସ୍ ସମୟ ହୋଇଗଲାଣି ବାରମ୍ବାର ଘଡ଼ି ଦେଖୁଥାଏ । ସେତେବେଳକୁ ରୁମ୍ ମେଟ୍ ଇତି ର ଗୋଟିଏ ଜିଦ୍ ସୁଚି ଖାଇଦେଇ ଯା'। ଏମିତି ଜିଦ୍ କରିବ ଯେ ସତେକି ଯେମିତି ମୋ ସାଙ୍ଗ ଅପେକ୍ଷା ମୋ ମା' ବେଶୀ ଲାଗୁଥିଲା। ଜୋର କରି ମୋ ପାଟିରେ ଭାତ ଦୁଇ ଗୁଣ୍ଡା ଦଳି ଚକଟି ପୁରେଇ ଦେଲା । ମୁଁ ଅତରଚ୍ଛା ଗିଳି ମୁହଁ ଧୋଇ ରିକ୍ସା ଧରି ବସଷ୍ଟାଣ୍ଡ ରେ ହାଜର। ଅଧିକାଂଶ ଦିନ ଗାଁ କୁ ନଗଲେ ମୋତେ ଅଣନିଃଶ୍ୱାସୀ ଲାଗୁଥାଏ।ଘରେ ପହଞ୍ଚି ବୋଉ ଆଉ ଜେଜେ ଙ୍କ ପାଖରେ ଟିକିଏ ଗେଲ ହୋଇଗଲେ ମୋତେ ସ୍ୱର୍ଗ ସୁଖ ମିଳିଯାଉଥିଲା।

ବସ୍ ଭିତରେ ପଶି ଦେଖିଲି ସବୁ ସିଟ୍ ପ୍ରାୟ ଫୁଲ୍ ଅଛି।ଆଉ ଗୋଟିଏ ସିଟ୍ ରେ ଜଣେ ବୁଢ଼ା ମଉସା ବସିଥାନ୍ତି ତାଙ୍କ ପାଖରେ ଥିବା ସିଟ୍ ରେ ଗୋଟିଏ ଗାମୁଛା ପକେଇ ଥାନ୍ତି।

ପଚାରିଲି, ମଉସା ଆପଣଙ୍କ ର ଆଉ କିଏ ଅଛନ୍ତି କି ସେ ସିଟ୍ ରେ ବସିବା ପାଇଁ ।ସେ କହିଲେ, ହଁ ଛୁଆ ଆମର ନୁକ ଜଣେ ଅଛି ସେ ଆସିନେ ବସିବ। ମୁଁ କହିଲି ହଉ ଠିକ୍ ଅଛି।

କଣ୍ଡକ୍ଟର ସମସ୍ତଙ୍କ ପାଖରେ ପହଞ୍ଚି ଟିକଟ କାଟୁଥିବା ବେଳେ ମୋ ପାଖରେ ପହଞ୍ଚି କହିଲେ, ତୁ ଠିଆ ହେଲୁ କେନେ ରେ ଛୁଆ ବସିଲୁନି। ମୁଁ କହିଲି, କେଉଁଠି ବସିବି ଯେ, ସବୁ ସିଟ୍ ତ ଫୁଲ୍ ଅଛି।

ହଉ ରହ ତୁ ବ୍ୟସ୍ତ ହୁଅନା ମୁଁ ବ୍ୟବସ୍ଥା କରୁଚି। କଣ୍ଡକ୍ଟର ବୟସ୍କ ଥିଲେ ତେଣୁ ସେ ପିଲାମାନଙ୍କୁ ତୁ' ତା' କରି କଥା ହେଉଥାନ୍ତି।

ସେ ଯାଇ ବୁଢ଼ା ମଉସା ଙ୍କୁ ପଚାରିଲେ ତମର ଦୁଇଟା ସିଟ୍ ର ପଇସା ଦିଅ । ମଉସା ଜଣଂକ ଥମଥମ ହୋଇ କହିଲେ,ବାପ ରେ ମୋର ଦେଇଦଉଚି ଆର ନୁକଟା ଆସିନେ ତା' ପଇସା ସେ ଦବ।

କଣ୍ଡକ୍ଟର କହିଲେ, ତା'ହେଲେ ତମେ ତାଙ୍କ ପାଇଁ ସିଟ୍ କାହିଁକି ରଖିଚ ।ସାଇଡ୍ ରେ ବସ ସେ ଝିଅ ବସିବ । ମୋତେ କହିଲେ, ସେଠି ବସିବା ପାଇଁ ହେଲେ ମଉସା ଜଣଂକ ସିଟ୍ ଛାଡ଼ିବାକୁ ରାଜି ନୁହଁନ୍ତି। ମୁଁ ସେମିତି ଠିଆହୋଇ ଥାଏ। ଦୁଇଟି ଷ୍ଟପେଜ୍ ଯିବା ପରେ ଦେଖିଲି ବୁଢ଼ା ମଉସା ଜଣଂକ ଗୋଡ଼ ଟେକି ସେ ସିଟ୍ କୁ ସମ୍ପୂର୍ଣ୍ଣ କବଜା କରି ଶୋଇବାକୁ ଆରମ୍ଭ କଲେ।

ମୋତେ ତାଙ୍କ ହାବଭାବ କିଛି ଭଲ ଲାଗିଲାନି। ମୁଁ ତାଙ୍କ ଗାମୁଛା ଟାଣି ଆଣି ଝରକା ବାହାରକୁ ଫୋପାଡ଼ି ଦେଲି ।ସେ ଗର୍ଜି ଉଠିଲେ।

ତାଙ୍କ ପାଟି ଶୁଣି ସମସ୍ତେ ଅବାକ୍ ହୋଇ ଚାହିଁ ରହିଥାନ୍ତି। ମୁଁ ହସିବାକୁ ଆରମ୍ଭ କଲି ।

କଣ୍ଡକ୍ଟର ବସ୍ ରଖିବା ପାଇଁ ଡ୍ରାଇଭରଙ୍କୁ କହିଲେ।

ବସ୍ ରଖିବା କ୍ଷଣି ବୁଢ଼ା ମଉସା ତଳକୁ ଧାଇଁଲେ ତାଙ୍କ ଗାମୁଛା ଆଣିବାକୁ । କିଛି ବାଟ ବସ୍ ଆଗକୁ ଚାଲିଯାଇଥାଏ ।

ମୁଁ ସେ ସାଇଡ୍ ସିଟ୍ ରେ ଆରାମରେ ବସି ଗଲି । ବୁଢ଼ା ମଉସା ଧଇଁସଇଁ ହୋଇ ବସ୍ ଭିତରେ ପଶି ଗଜର ଗଜର ହେଉଥାନ୍ତି। କଣ୍ଡକ୍ଟର କହିଲେ,ମଉସା ଏମିତି ପାଟି କରିବ ଯଦି ସିଧା ବସ୍ ରୁ ଓଲହ୍ଲେଇ ଦେବି । ଭୁଲ୍ କରି ଆହୁରି ପାଟିତୁଣ୍ଡ କରୁଚ।

ଚୁପଚାପ୍ ବସ।

'ଛୁଆ' ବୋଲି ସମ୍ବୋଧନ କରି ଛୁଆ ମାନଙ୍କୁ ଅସୁବିଧା ରେ ପକେଇବା କେଉଁଠି କା ନିୟମ ଆପଣ ମାନେ କୁହନ୍ତୁ ତ !!

ଅବଶ୍ୟ ମୋର ମଉସା ଜଣଂକ ପ୍ରତି ଏମିତି କରିବା ଠିକ୍ ନଥିଲେ ହେଁ ଭୁଲ୍ ବି କିଛି ନଥିଲା। କଲେଜ ପଢୁଆ ଆଜିକାଲି ର ଝିଅ ମୁଁ ଟିକେ ନୁକ୍ ଝୁକ୍ ହେଲେ ଦିମାକ୍ ଗରମ ହୋଇଯାଏ।

ତା'ପରେ ବାହାରେ ରହି ପଢ଼ାପଢ଼ି କଲେ କେତେକ ମାତ୍ରା ରେ ଛାତ୍ରଛାତ୍ରୀମାନଙ୍କର ପରିବର୍ତ୍ତନ ଆସିଯାଇଥାଏ ।

ମୁଁ ଥିଲି ବାପାଙ୍କର ଭାରି ଅଲିଅର ଝିଅ ।

ତାଙ୍କ ପାଖରେ ରହି ଚାନ୍ଦବାଲି ସ୍କୁଲରେ ପାଠପଢ଼ା ଶେଷ କରି ଭଦ୍ରକ କଲେଜରେ ଯୁକ୍ତ ତିନି ବର୍ଷ ଶେଷରେ ବାଲେଶ୍ୱର ଆସିଲି ।

ବାଲେଶ୍ୱର ମାଟିରେ ଜନ୍ମ ସତ କିନ୍ତୁ ବାଲେଶ୍ୱର ଜିଲ୍ଲାର ଲୋକ ଙ୍କ ଉପରେ ମୋର ସେମିତି କୌଣସି ଜ୍ଞାନ ନଥିଲା। ମୁଁ ବିନ୍ଦାସ ମୋ ଜୀବନ ବିତାଇବାକୁ ପସନ୍ଦ କରୁଥିଲି।

ପରେ ପରେ ଏମିତି ସମସ୍ୟାର ସମ୍ମୁଖୀନ ହେଲି ଯେ ମୋତେ ଭାରି ଆଶ୍ଚର୍ଯ୍ୟ ଲାଗିଲା କି ମୋ ଜିଲ୍ଲା ବାଲେଶ୍ୱର। ଅବଶ୍ୟ ସାହିତ୍ୟ ଏବଂ ବହୁ ଜ୍ଞାନୀ ଗୁଣି ମାନଙ୍କ ସହିତ ମିଶି ଭଲ ଲାଗେ ତଥାପି କିଛି ନା କିଛି କେଉଁଠି ନା କେଉଁଠି କମି ରହିବା ଭଳି ମନେହୁଏ ।

ଆପଣ ମାନେ ଭାବୁଥିବେ ନା ଏମିତି କାହାଣୀ ପଛରେ ରହସ୍ୟ କ'ଣ ଅଛି ।

ହଁ ଅଛି ବୋଲି ତ.....!

ଏଇ କିଛି ଦିନ ପୂର୍ବରୁ ମୁଁ ମୋର ଜଣେ ବନ୍ଧୁଙ୍କ ସହିତ କଥା ହେଉଥିଲି । ସେଦିନ ସେ କଥା ହେଉଥିବା ସମୟରେ ବିଚଳିତ ଥିବା ପରି ମୋର ମନେ ହେଉଥିଲା ।

ବନ୍ଧୁ ଜଣଂକ ଡାକ୍ତର ଆଉ ଯୁବକ ମଧ୍ୟ।

ଯୁବ ଡାକ୍ତର ସ୍ୱାଭିମାନୀ ନିଶ୍ଚିତ ତା' ସହିତ ସେବା ମନୋଭାବ ତ ଅଛି ନ'ହେଲେ ଡାକ୍ତର ହେବାର ଲକ୍ଷ୍ୟ କାହିଁକି ବା ଥାନ୍ତା।

କଥାରେ ଅଛି, 'ଯେଉଁ ଦେଶ ଯାଇ, ସେଇ ଫଳ ଖାଇ।''

ହଁ ଉଚିତ କଥା କିଏ ନାହିଁ କଲା ,ହେଲେ ସବୁବେଳେ ତାହା କ'ଣ ଠିକ୍ କି ? ମୋ ମତରେ ତ ମୋଟେ ନୁହେଁ।

ଆମେ କେଉଁଠାରେ ବି କାମ କରୁ କି କେଉଁଆଡ଼ ? ଯାଇ ରହୁ ନିଜର ଜୀବନ ଶୈଳୀ କୁ କ'ଣ ପରିବର୍ତ୍ତନ କରିବା ସମ୍ଭବ ନା ସେଠିକାର ଚାଲିଚଳନ ଆଚାର ବ୍ୟବହାର ସବୁକୁ ଆପଣେଇ ନେବା ଠିକ୍ ଯେ।

ଯେ କୌଣସି ଲୋକ ହୁଅନ୍ତୁ ତାଙ୍କ ପଦ ପଦବୀ ଅନୁସାରେ ସେ ଅନ୍ୟ ଠାରୁ ପଦ ମର୍ଯ୍ୟାଦା ଏବଂ ସମ୍ମାନ ଚାହିଁଥାନ୍ତି। ସେଇଭଳି ଭାବେ ସେ ନିଜକୁ ଲୋକଙ୍କୁ ଆପଣେଇ ସେମାନଙ୍କ ର ସୁବିଧା ଅସୁବିଧା ବୁଝି ସାହାଯ୍ୟ ସହଯୋଗ ର ହାତ ବଢ଼ାଇଥାନ୍ତି। କିନ୍ତୁ କିଛି ଲୋକ ଙ୍କର କୁତ୍ସିତ ମନୋଭାବ ଏବଂ ତାଙ୍କର ବ୍ୟବହାର ଏତେ କଦର୍ଯ୍ୟ ହୋଇଥାଏ ଯେ ତତ୍‌ଦ୍ୱାର ଅନ୍ୟ ଲୋକ ଏବଂ ସେ ସ୍ଥାନ କଳଙ୍କିତ ହୋଇଯାଏ।

ଡାକ୍ତର ବନ୍ଧୁ ସୁବ୍ରତ କଥା ପ୍ରସଙ୍ଗରେ ନିଜ ଭିତରେ ଉତ୍ପନ୍ନ କ୍ରୋଧ କୁ ଆତ୍ମୀୟତା ସହିତ ମୋ ପାଖରେ ଅତି ସହଜରେ ବଖାଣି ଗଲେ । ମୁଁ କେବଳ ମଝିରେ ମଝିରେ ତାଂକୁ ବୁଝେଇବା ର ପ୍ରଥା ଟେ ଯଦି ବା ଅବଲମ୍ବନ କରୁଥିଲି ତାହା ସଂପୂର୍ଣ୍ଣ ଭୁଲ୍ ବୋଲି ମଧ୍ୟ ଜାଣିଥିଲି।

ଆମ ଉଚିତ ବ୍ୟବହାର ଦ୍ୱାରା ଆମ ସଂସ୍କାର ର ମୂଲ୍ୟାଙ୍କନ ହୋଇଥାଏ । ଆମେ ଆମ ର ଭାଷା ଏବଂ ବ୍ୟବହାର କୁ ଯଦି ସୁଧାରି ନପାରିବା ଆମକୁ ପ୍ରତ୍ୟେକ ଲୋକ ଘୃଣା ଚକ୍ଷୁରେ ଦେଖିବା ସ୍ୱାଭାବିକ କଥା। ଯେମିତି ସେ ବସ୍ ରେ ବୁଢ଼ା ମଉସା ଙ୍କ କଥା କହିଲି,ସେ ଯଦି ତାଙ୍କ ସ୍ୱାର୍ଥ ନରଖି ମୋତେ ବସିବା ପାଇଁ ସିଟ୍ ଛାଡ଼ିଦେଇ ଥାନ୍ତେ ତା'ହେଲେ ମୋର ତାଙ୍କ ପ୍ରତି ସମ୍ମାନ ଆହୁରି ବଢ଼ିଯାଇ ଥାନ୍ତା ଏବଂ ମୁଁ ତାଙ୍କ ସହିତ କିଛି ବି ଖରାପ ବ୍ୟବହାର କରିନଥାନ୍ତି ଠିକ୍ ସେମିତି ରୋଗ ହେଲେ ଆମେ ସମସ୍ତେ ଡାକ୍ତର ଙ୍କ ପାଖକୁ ଯାଇଥାଉ ଆରୋଗ୍ୟ ହେବା ପାଇଁ । କିନ୍ତୁ ରୋଗୀ ମାନଙ୍କ ସହିତ ଯାଇଥିବା କିଛି ନିକଟତମ ମଣିଷ ମାନଙ୍କ ବ୍ୟବହାର ଏତେ ଅତିଶୟ ହୋଇଯାଏ ଯେ ତାକୁ କୌଣସି ଡ଼ାକ୍ତର ପକ୍ଷେ ଶୁଣିବା ଏବଂ ସହିବା ଅସହ୍ୟ ହୋଇପଡ଼ ?।

ମୋ ଜନ୍ମ ବାଲେଶ୍ୱର ଜିଲ୍ଲାରେ। ବହୁତ ବଡ଼ ଜିଲ୍ଲା ଐତିହ୍ୟ ସମ୍ପନ୍ନ ।କଳା ସାହିତ୍ୟ ସଂସ୍କୃତି ର ପେଣ୍ଠସ୍ଥଳ। ଭଦ୍ରକ ଜିଲ୍ଲା ଆଗରୁ ବାଲେଶ୍ୱର ସହିତ ମିଶି ଥିଲା କିନ୍ତୁ ପରେ ତିରିଶଟି ଜିଲ୍ଲା ହେବା ଯୋଗୁଁ ଭଦ୍ରକ କୁ ଅଲଗା ଏକ ଜିଲ୍ଲା ରୂପେ ଘୋଷଣା କରାଗଲା ।କିନ୍ତୁ ଚନ୍ଦନେଶ୍ୱର ଠାରୁ ଚାନ୍ଦବାଲି ଯାଏ ତା'ର ଅପୂର୍ବ କୀର୍ତ୍ତି ରାଜି କାହାକୁ ବା ଅଛପା।

ବାଲେଶ୍ୱର ମାଟି ପାଇଁ ମୁଁ ଯେତିକି ଗର୍ବିତ ସେତିକି ନିରାଶ ର ଚାଦର ଟେ ମୋତେ କବର ଦିଏ କିଛି ଲୋକଙ୍କ ର ବିକୃତ ମାନସିକତା ପାଇଁ।

ଅଶାଳୀନ ମନ୍ତବ୍ୟ, ସ୍ୱାର୍ଥପର ନିତି, ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟ ଯାହାକି ନିଜକୁ କହିବାକୁ ଲାଜ ଲାଗିବ ମୁଁ ସେ ମାଟି ର ସନ୍ତାନ।

ପ୍ରତ୍ୟେକ ସ୍ଥାନର ଏମିତି କିଛି ରୂପ ରେଖ ଅଛି ଯାହା ପାଇଁ ଆମକୁ ଗୌରବାନ୍ୱିତ କରିଥାଏ କିନ୍ତୁ ପର ମୁହୂର୍ତ୍ତରେ ଆମକୁ ଲଜ୍ଜିତ ହେବାକୁ ପଡ଼ ? ଆମ ବ୍ୟବହାର ପାଇଁ ।

ଏତେ କଥା ପଛରେ ଗୋଟିଏ ମାତ୍ର କଥା ହିଁ କହିବାକୁ ଚାହିଁବି ସେ ଡକ୍ଟର ସୁବ୍ରତ ହୁଅନ୍ତୁ କି କଲେଜ ପଢୁଆ ଛାତ୍ରୀ ସୁଚି ହେଉ ଏମାନେ ଯେଉଁଠି କୁ ବି ଯା'ନ୍ତୁ ନା କାହିଁକି ଭଲ କୁ ଭଲ ଆଉ ଖରାପ କୁ ସବୁବେଳେ ଖରାପ ହିଁ କହିବେ,ତେଣୁ ,'ଆଲୋ ସଖି ଆପଣା ମହତ ଆପେ ରଖି।' ଏଇ ନିତି ଅବଲମ୍ବନ କଲେ କେବଳ ବାଲେଶ୍ୱର କାହିଁକି ସବୁ ଜିଲ୍ଲା ସୁନାମ ଅର୍ଜନ କରିପାରିବ ବଦନାମ ନୁହେଁ ।

ପୁଣି ସେଇ କଥା କହିବି, ନିଜେ ନିଜ ସଭ୍ୟତା କୁ ସଜାଡ଼ି ରଖନ୍ତୁ, ଭବିଷ୍ୟତ ଦାୟାଦଙ୍କ ପାଇଁ ଶୁଭଙ୍କର ହେବ। କ'ଣ ସତ କହିଲିନା !!

*ମାହାଙ୍ଗା, କଟକ*
*୮୯୧୭୫୭୧୨୦୨*

## ବୈଶାଖୀ ଝାଞ୍ଜି ବହିଲା

*ଆରକେ ବିଶ୍ୱାଳ*

ବୈଶାଖୀ ଝାଞ୍ଜି ବହିଲା
ସୁରୁଜ କିରଣ ହୋଇଲା ତ ଟାଣ
ବହେ ଝାଞ୍ଜି ଖରା ମୁଣ୍ଡ ଫାଟେ ପରା
ଝାଳ ବହି ପ୍ରାଣ ବହିଲା
ସୁଖେ ନଈ ନାଳ ଟୋପେ ନାହି ଜଳ
ପଶୁ ପକ୍ଷୀଙ୍କର ଯେତେ ନାରୀ ନର
ତରୁମୂଳ ଆଶା ହୋଇଲା
ବୈଶାଖୀ ଝାଞ୍ଜି ବହିଲା
ବାଟରେ ବାଟୋଇ ନପାଇ ସେ ଛାଇ
ତାତେ ରାସ୍ତା ବାଲି ନ ପାରଇ ଚାଲି
ପାଦେ ଫୋଟକା ହୋଇଲା
ଯେତେ ଚାଷୀକୂଳ କରେ ଅନୁକୂଳ
ବିଲେ ହଳ ସାରି ଆଖି ମୁଠା ଧରି
ତାର କ୍ଷେତକୁ ସେ ଧାଇଁଲଓ
ବୈଶାଖୀ ଝାଞ୍ଜି ବହିଲା
ବରଷକେ ଥରେ ପଣା ସଂକ୍ରାନ୍ତି ରେ
ସହରେ ବଜାରେ କିବା ପଲ୍ଲୀ ପୁରେ
ଘରେ ଘରେ ପଣା ହୋଇଲା
ଧରି ଦେବୀ ଘଣ୍ଟ ରାଉଳଙ୍କ ନାଟ
ପଣା ସଂକ୍ରାନ୍ତି ରେ ପାଟୁଆଙ୍କ ନାଚ
ଝାମୁ ନାଚ ମନ ମୋହିଲା ।
ବୈଶାଖୀ ଝାଞ୍ଜି ବହିଲା

## ଜୀବନ ସଙ୍ଗୀତ

*ଆଦ୍ୟାଶା ମହାପାତ୍ର*



ନାଉରିଆ ଗାଏ ଫେରନ୍ତା ସଂଗୀତ
ବେଳ ହେଲା ରତ ରତ
ତଥାପି ସରିନି ହିସାବ ନିକାଶ
ସଂସାର ହାଟରୁ ମିତ ॥
ଜୀବନର ପାତ୍ର ଭରିନି ଏଯାଏଁ
ଲାଗେ କିଛି ଅଛି ବାକି
ଲୋଭ ମୋହ ପରା ଆବୋରି ବସିଛି
ମାୟାର ଅଞ୍ଜନ ମାଖି ॥
ପ୍ରାଚୀ ପ୍ରଦେଶରେ ଥିଲା କେଇ ଦଣ୍ଡ
ପୋଷେ ବିଜୟ ଉଲ୍ଲାସ
ସୂର୍ଯ୍ୟମୁଖୀ ପରି ସଞ୍ଜ ପଦପାତେ
ମୁଖେ ମଳିନ ଆବେଶ ॥
ଦିବସ ଜଞ୍ଜାଳ ସରିଗଲା ପରେ
ଏ'ତ ବେଳ ଲେଉଟାଣି
ଜୀବନ ନିର୍ଯ୍ୟାସ ହୁଏ ନିଷ୍କର୍ଷଣ
ନିଷ୍ପ୍ରଭ ଖୁସି ରୋଷଣୀ ॥
ସମ୍ପର୍କର ପ୍ରତି କର୍ତ୍ତବ୍ୟ ଆହ୍ୱାନ
ନିଏ ଏବେ ଅବସର
ଘୋଟିଆସେ ଯେହ୍ନେ କ୍ଳାନ୍ତ ଅବସନ୍ନ
ସ୍ତୁପୀକୃତ ଅନ୍ଧକାର ॥
ନିୟତି ନିୟମେ ଜୀବନ ସାୟହ୍ନେ
କାଳ ରାତ୍ରି ସମାଗତ
ପ୍ରାଣପକ୍ଷୀ ଏବେ ଉଡିବାକୁ ଚାହେଁ
ଖୋଜି ନୂଆ ଏକ ପଥ ॥

*ନୂଆପଡା, କଟକ*

## ହେ ସ୍ୱପ୍ନା

*ସୁରେନ୍ଦ୍ର ନାଥ ସାହୁ*



ତୁମେ ମୋ'ପାଇଁ
ଖିଅ ଖିଅ ସ୍ନେହ ସହଯୋଗର
ଏକ ସମ୍ବେଦନଶୀଳ ଦଉଡି।
ମୋ ଦେହ ମନ ହୃଦୟ ରଥ
ଚାଲି ଚାଲି ଥକି ହାରିଗଲେ
ତୁମେ ହିଁ
ନିଜ ପାରିବା ପଣରେ
ମୋତେ ଆଗକୁ ନେଉଛ ଭିଡି।

ହେ ସ୍ୱପ୍ନା,
ତୁମେ ମୋ'ପାଇଁ
ସତ୍ୟର ସାନିଧ ପ୍ରାପ୍ତ
ଏକ ହୃଦୟବାନ ଆଶା ବାଡି।
ତୁମେ ସେତେବେଳେ ବି
ମୋ ଅତି ପାଖରେ
ଅଟଳ ଠିଆହୋଇ ରହିଥାଅ
ଯେତେବେଳେ ଦୁନିଆ
ନିଜ ସ୍ୱାର୍ଥ ସାଉଁଟି
ଚାଲିଯାଏ ମୋତେ ଛାଡ଼ି।

ହେ ସ୍ୱପ୍ନା,
ତୁମେ ମୋ'ପାଇଁ
ଅମା ଅନ୍ଧାର ବେଳାରେ
ଦପଦପ ଜଳି
ବାଟ କଢ଼ାଇ ନେଉଥିବା
ମୋ ଜୀବନ ସାଥୀ।
ମୋ ବନ୍ଧୁର ଚଲାବାଟର
ଭରଷାର ବରଦା ହାତ ବାଡି
ଚଳନ୍ତି ମିଠା ସମ୍ପର୍କର
ସହାରଦ୍ଧମୟ ମହା ପୋଥି।

ହେ ସ୍ୱପ୍ନା,
ତୁମେ ମୋ'ପାଇଁ
ନିବିଡ଼ତାର ନିଆରା ପରିଭାଷା।
ସହଜ ସମର୍ପଣର ତତ୍ପରତା
ଏକ ଆପ୍ରାଣ ଅଭିଳାଷା ।
ଛୋଟ ଛୋଟ ଖୁସି ସମାହିତ
ସୁସଞ୍ଚୁ ଦେହାଧି ଢାଞ୍ଚାରେ
କର୍ମ କଳ୍ପନା କର୍ତ୍ତବ୍ୟର ଭାଷା।
ଦୁଃଖାନ୍ତକାରୀ ଆମନ୍ତ୍ରଣ
ସ୍ୱର୍ଣ୍ଣିମ ଆଲୋକର ଉଷା।

*କଳମ୍ବ (ଡିହସାହି)*
*ପୋଲସରା*
*ଗଞ୍ଜାମ-୭୬୧୧୦୫*
*ମୋ.ନଂ:-୮୧୨୮୯୧୯୨୫୬*

## ଖୋଜୁଛି

*ଜୁଇଟ ଡେଭିଡ ଫିଲିପ୍*



ଖୋଜୁଛି ମୁଁ ତୁମକୁ ନାନା ବହିରେ,
ଖୋଜୁଛି ମୁଁ ତୁମକୁ ନାନା ଗ୍ରନ୍ଥରେ,
ଖୋଜୁଛି ମୁଁ ତୁମକୁ ବିଶାଳ ପ୍ରକୃତିରେ,
ପାଇବି କେମିତି, ପାପୀପ୍ରେମୀ ମୁଁ
ମନରେ।
ପାପୀ କିଏ ନୁହେଁ ଏହି ଜଗତରେ,
ହଁ ପାପ ତ ନାହିଁ ଚନ୍ଦ୍ର, ସୂର୍ଯ୍ୟ ଓ
ଗ୍ରହ ନକ୍ଷତ୍ରେ,
ହଁ ଅମର ମିଳନ ତୁମର
ତାଙ୍କ ସାଙ୍ଗରେ,
ହଁ ମୋତେବି ଦେଖା ଦିଅ
ଏହି ମର୍ତ୍ତ୍ୟରେ।
ଆସହେ ପ୍ରେମୀ ତ୍ରାଣକର୍ତ୍ତା ରୂପରେ,
ସୁଦ୍ଧ କର ମନ ପ୍ରାଣ ତୁମ ରକ୍ତରେ,
ବସତି କର ମୋ ମନ ଓ ଶରୀରେ,
ଦେଖୁ ଏ ଶରୀର ଥରେ ସ୍ୱଚକ୍ଷୁରେ।

*ଆଇନଜୀବୀ ଓ ସମାଜ ସେବୀ*
*ଭବାନୀପାଟଣା, କଳାହାଣ୍ଡି*

## ଭାବିନେଲ ପିଲାଖେଳ ବୋଲି

*ନିରଞ୍ଜନ ସାହୁ*



ତୁମେ କେବେ ଆସିବ ଯେ ତୁମ ସାଥେ
କଥାହେବି ଅନ୍ତରକୁ ଖୋଲି
ତୁମେ କ'ଣ କେବେହେଲେ
ମାନିବ ଯେ
ତୁମେ ମୋର ପ୍ରିୟତମ ବୋଲି ।
ସମୟ ବଦଳିଗଲେ ସବୁକିଛି
ବଦଳଇ ମିଛ କଥା ନୁହେଁ
ତୁମେ କାହିଁକି କହିବ ମନଖୋଲି
ଦିନେ ପ୍ରେମ କରୁଥିଲେ ଦୁହେଁ
ଭୁଲାଇ ଦେଇ ମନକୁ ଭୁଲିଥିବ
ଜୀବନଟା ତୁମ ପାଇଁ ହୋଲି ।
ଜଣକର ଦୁଃଖ ଯଦି ଏଠି କିଏ
ବୁଝିପାରି କରୁଥାନ୍ତା ଆହା
ତେବେ ନିଶ୍ଚ ? ଜୀବନଟା ମଧୁମୟ
ମିଳିଯାନ୍ତା ବଞ୍ଚିବାର ରାହା
ତୁମେ କିନ୍ତୁ ଯାହା କରିଗଲ ତାହା
ଭାବିନେଲ ପିଲାଖେଳ ଗୋଲି ।

*ନିହଲ ପ୍ରସାଦ, ଗଁଡିଆ ପାଟଣା*
*ଢେଙ୍କାନାଳ -୭୫୯୦୧୬*
*ମୋ : ୯୯୩୮୭୪୧୫୮୩*

## ଚିନ୍ତା ଓ ଚେତନା

*ରତ୍ନକାନ୍ତି ମିଶ୍ର*



ଚେତନା ସୂରୁଜ ଜ୍ଞାନାଲୋକ ତେଜ
ଅଜ୍ଞାନକୁ କରେ ଦୂର
ହୃଦ ଅନ୍ତଃସ୍ଥଳୁ ନିର୍ବାପିତ କରେ
ଯେତେ ଦୁର୍ଗୁଣ ଅନ୍ଧାର ॥
ଚେତନାରେ ହୁଏ ବ୍ୟକ୍ତିତ୍ୱ ନିର୍ମଳ
ଲବ୍ଧ ନବ ଅନୁଭୂତି
ମନ ମଧ୍ୟେ ବହେ ପ୍ରେରଣାର ଝର
ସେଥିରୁ ତ୍ୟାଗ ସଂପ୍ରୀତି ॥
ଚେତନା ଦର୍ଶାଏ ସଫଳତା ମନ୍ତ୍ର
ଦେଖାଏ ନବ ଦିଗନ୍ତ
ଅନ୍ଧର ଲଉଡି ପରି ସାହା ହୋଇ
କରେ ପ୍ରାଣ ପୁଲକିତ ॥
ମାନସ ବୃକ୍ଷରେ ଚିନ୍ତା ହେଲେ ପୁଷ୍ପ
ଚେତନା ଅଟଇ ମୂଳ
ଚିନ୍ତା ବିକଶିଲେ ଚେତନା ଉନ୍ମେଷ
ରୂପାନ୍ତର ଅବିକଳ ॥
ଚିନ୍ତା ରୁ ହୁଅଇ ଚେତନାର ସୃଷ୍ଟି
ଚେତନା ରୁ ଦିବ୍ୟଜ୍ଞାନ
ଚେତନା କରଇ ଚିନ୍ତାକୁ ଉଜ୍ଜ୍ୱଳ
ସ୍ୱଚ୍ଛନ୍ଦ ହୁଏ ଜୀବନ ॥
ଚିନ୍ତା ଓ ଚେତନା କ୍ଷୀର ନୀର ପରି
ଅଙ୍ଗାଙ୍ଗୀ ଭାବେ ଜଡିତ
ଜଣକ ବ୍ୟତୀତ ଆନ ନିରର୍ଥକ
ନଥାଏ କିଛି ମହତ୍ତ୍ୱ ॥

*ଆଳି, କେନ୍ଦ୍ରାପଡା*

## ଜଙ୍ଗଲରେ କବିତା

*ପୂର୍ଣ୍ଣଚନ୍ଦ୍ର ବହଳୀ*



କବିତା ଲେଖିବା ପାଇଁ ଜଙ୍ଗଲକୁ ଗଲି
ମୁଁ ଯିବା ପୂର୍ବରୁ
କବିତା ସବୁ କିଏ କାଟି ନେଇଥିଲା
ଘରକୁ ଫେରି
କବାଟ ଖୋଲିଲି
ପ୍ରଥମ କବିତା ମିଳିଲା
ଝରକା ଖୋଲିଲି
ଦ୍ୱିତୀୟ କବିତା ମିଳିଲା
ସୋଫା ଉପରେ ବସିଗଲି
ତୃତୀୟ କବିତା ମିଳିଲା
ରାତିରେ ପଲଙ୍କ ଉପରେ
ଶୋଇବା ବେଳେ
ଚତୁର୍ଥ କବିତା ମିଳିଲା
କିନ୍ତୁ ଜଙ୍ଗଲର କବିତା
ଘରର ଚାରିକାନ୍ଥ ମଧ୍ୟରେ
ମିଳିଲା ନାହିଁ
ଆଶା ଆଶାରେ ହିଁ ରହିଗଲା
ନା ଜଙ୍ଗଲ ଖୋଜିବାକୁ ପଡିବ
ନ ହେଲେ ସୃଷ୍ଟି କରିବାକୁ ପଡିବ
ଜଙ୍ଗଲକୁ ଯିବାକୁ ହେବ
କବିତା ଲେଖିବା ଆଶାରେ
କବିତା ଲେଖାଯିବ ଜଙ୍ଗଲରେ ।

*ସମ୍ପାଦକ, ଶିବାନୀ*
*ଭଦ୍ରକ*

## ପ୍ରେମ, ପ୍ରତୀକ୍ଷାର ନିଆରା ଦସ୍ତାବିଜ

ଆମ ସମୟର ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ, କବି ସଂଜୀତ ବଳ । ଅନେକ ପାଖରୁ ମୁଁ ଦେଖିଛି ଓ ପଢ଼ିଛି... କବିଙ୍କୁ ଓ ତାଙ୍କ କବିତା ସମୂହକୁ । ତାଙ୍କର କବିତା ସଂକଳନ 'କିଛିବି କହିନି' ଏକ ଭିନ୍ନ ସ୍ୱାଦର ଆତ୍ମଲିପି କହିଲେ ଅତ୍ୟୁକ୍ତି ହେବନି । ଏହାର ପ୍ରତ୍ୟେକଟି ଶବ୍ଦ ଲାଗେ କବିଙ୍କର ନିଜସ୍ୱ ଅନ୍ତରର କଥା ଓ ପ୍ରତ୍ୟେକ କବିତା ଲାଗେ ତାଙ୍କର ନିଜସ୍ୱ ଅନୁଭୁତିରୁ ସୃଷ୍ଟି ।

ହେଲେ ସେ କିଛି କୁହନ୍ତିନି ଓ କୁହନ୍ତି 'କିଛି କହିବିନି' କ୍ଷ ହେଲେ ସେ ସବୁ ସାଇତି ରଖିଛନ୍ତି ତାଙ୍କ ନିଜସ୍ୱ ଅନୁଭବରେ । ଆଉ କାହା ପାଇଁ ଗୀତ ଗାଉଗାଉ ନିଜେ ପାଲଟି ଯାଆନ୍ତି ଘୋଷାପଦ ।

ଅନ୍ଧାରକୁ ରଙ୍ଗ ଦେବାର କୌଶଳ ଶିଖିଲା ବେଳେ ସେ ଆଲୋକ ର ଭାଷା କୁ ବୁଝିବାପାଇଁ ସମର୍ଥ ହୋଇପାରିଛନ୍ତି । ଫୁଲକୁ ବୁଝେଇଦେଇଛନ୍ତି ସଦା ସତେଜ ରହିବାକୁ ନୀରବତା ଯଥେଷ୍ଟ ନୁହେଁ ।




କବିତା ସଂକଳନ:
କିଛି ବି କହିନି
କବି :ଶ୍ରୀ ସଂଜିତ୍ ବଳ
ପ୍ରକାଶକ -ଟାଇମପାସ
ସମୀକ୍ଷକ - ଅରୁଣ କୁମାର ବିଶ୍ୱାଳ

ସେ ଏକ ପ୍ରଚଣ୍ଡ ସ୍ୱାଭିମାନୀ । ନିଃସଙ୍ଗତ। ତାଙ୍କୁ ସ୍ୱାଭିମାନୀ ହେବାର ମନ୍ତ୍ର ଶିଖାଇଛି । ଏଣୁ ତାଙ୍କ ମତରେ,ଯେତେବେଳେ ଶାନ୍ତିର ପିଠିରେ ବସି ହିଂସା ବେତ ହଲାଏ, ନିକିତିର କଣ୍ଟା ଅସତ୍ୟ ଆଡକୁ ଢଳିଯାଏ, ସେତିକିବେଳେ ନିଃସଙ୍ଗତା ତାଙ୍କପାଇଁ ଖୋଜିଆଣେ ସମ୍ମାନ ।



ଜୀବନ ଜଂଜାଳ କୁ ନିରେଖି ଦେଖିଲାବେଳେ ଅବଶୋଷ କରି କୁହନ୍ତି ' ସେଇ ଗାରଟେ ହୋଇ ରହିଗଲା ମୋ ଜୀବନ, ଗୋଟେ ବିନ୍ଦୁ ରୁ ଯାହାର ଆରମ୍ଭ ଆଉ ଲମ୍ବିଛି ଶେଷହୀନ ଶେଷ ପର୍ଯ୍ୟନ୍ତ '।

ଜୀବନ ର ଏହି ଗାରଟିକୁ ବେଳେ ବେଳେ ଅସ୍ପଷ୍ଟ କରିଦେଇଛନ୍ତି କିଛି ଅଦୃଶ୍ୟ ରବର । କବିଙ୍କ ଭାଷା ରେ ଦୁଃଖ କେବେ ତାଙ୍କ ପିଛା ଛାଡେନି । ସେଥିପାଇଁ ସେ ଦୁଃଖୀ ନୁହନ୍ତି, କାରଣ ଦୁଃଖ ମାନେ ଅଛନ୍ତି ବୋଲିତ ଅନ୍ୟର ଦୁଃଖ କୁ ଚିହ୍ନି ପାରୁଛନ୍ତି ।

କିଛି କାମରେ ନଲାଗିଲେ ବି, ଭୋକ ପାଖରେ ନ ପହଂଚି ପାରିଲେ ବି କଳସ ତଳର ଧକ୍ଷନମୁଠାକ ବି କାହା ଶୁଭ ମନାସିବାକୁ ଅପେକ୍ଷା ରେ ଥାଏ, ଆଉ ସେ ସୌଭାଗ୍ୟ କେତେଜଣ ପାଇଥାନ୍ତି ? ଏଥିପାଇଁ କବି କୁହନ୍ତି 'ସେ ସୌଭାଗ୍ୟ ମିଳିଛି ବୋଲି ତ ଆଜିଯାଏ ମୁଁ ବଂଚିଛି, କଳସ ଉପରେ ଆମ୍ର ପତ୍ର ଶୁଖି ଆସିବା ବେଳେ ମୁଁ ଅଙ୍କୁରିତ ହେଉଛି ।

କବିତା ର ପ୍ରତ୍ୟେକ ଶବ୍ଦ ମାର୍ମିକ ଓ ହୃଦୟସ୍ପର୍ଶୀ । ପାଠକ ପଢିଲାବେଳେ ଭାବପ୍ରବଣ ହେବା ସ୍ୱାଭାବିକ । କବିତାର ପ୍ରତ୍ୟେକ ଶବ୍ଦ ଆପଣା ଛାଏଁ ପାଠକର ମନ ତଳର କଥା ହୋଇଯାଏ । ଯେମିତି, ' ମୁଁ ଏମିତି ଜଣେ ଶିଳ୍ପୀ, ଯେ ମୂର୍ତ୍ତିର ଆଖିରେ ହସ ଖଞ୍ଜିବା ବେଳେ ଲୁହ ପରି ଦିଶୁଚି । ତା 'ଆଖିରେ ଲୁହ ଗୁନ୍ଥିବା ବେଳେ ମୂର୍ତ୍ତି ତରଳି ଯାଉଛି ।'

ସେହିଭଳି, 'ସବୁ ସକାଳରେ ମୁଁ କିନ୍ତୁ ମୁଠାଏ ପାଉଁଶ... ପବନର କାନିରେ ଗଣ୍ଠି ପକାଇ ନିଜକୁ ବାନ୍ଧିଛି ।

ଅନେକ ବ୍ୟର୍ଥତା, ଅନେକ ବେଦନା ରହିଥାଏ ବୋଲି ଜୀବନ ଟା ପ୍ରୀୟ ଓ ଆପଣାର । ସେଥିପାଇଁ କବିଙ୍କ ଭାଷା ରେ
'ତୁମେତ ଜାଣିଛ ସଂଜିତ ଭିତରେ
ଅଛି ସ୍ୱପ୍ନ, ଅଛି ମୋହ
ରାତିକୁ ଗୀତରେ ନିଶାସକ୍ତ କରି
ବାଣ୍ଟିଚାଲିଥାଏ
ଅନ୍ଧାର ଘରେ ଆଲୁଅ ।

*ଓଙ୍କାର ବିହାର,*
*ରଘୁନାଥ ପୁର*




## ସବୁଛାଡ଼ି ଯିବାକୁ ହିଁ ପଡ଼ିବ !

ଆମର ଆଖପାଖର ଦୁନିଆରେ ଅନେକ ସମୟରେ ଆମେ ଏପରି ଏକ ଏକ ଘଟଣାକୁ ସାମ୍ନା କରୁ ଯାହାକି ଆମ୍ଭମାନଙ୍କୁ ବିବେକର ନିଷ୍ପତ୍ତି ନେଇ ଚିନ୍ତା କଲାବେଳକୁ ଘଟଣାଚକ୍ର ଆଉ କିଛି ମୋଡ଼ ନେଇଯାଇଥାଏ। ସେହିପରି ଜୀବନରେ ଅନେକ ସମୟରେ ଆମେ ଅନୁଭବ କରୁ ଯେ ପ୍ରକୃତରେ ଆମେ ଆସିଥିବା ଦୁନିଆରେ ଆମ୍ଭମାନଙ୍କ ପାଇଁ ଶ୍ରେଷ୍ଠ କର୍ତ୍ତବ୍ୟର ଆହ୍ୱାନ କ'ଣ ? ଏହିପରି କ୍ରମରେ ଏକ ଛୋଟିଆ ଆଧ୍ୟାତ୍ମିକ ତତ୍ତ୍ୱର କଥାଟି ଉପସ୍ଥାପନ କରୁଛି। ଦିନେ ପିମ୍ପୁଡ଼ିଟିଏ ଗୋଟିଏ ପତ୍ର ପାଇଲା। ପତ୍ର ତାର କେଉଁ କାମରେ ଲାଗିବ, ତାକୁ ଜଣା ନଥିଲା ବା ସେତକ ଜାଣିବା ପାଇଁ ତାଠାରେ ବୋଧଶକ୍ତିର ଅଭାବ ଥିଲା। ହେଲେ ସେ ପତ୍ରଟିକୁ ବୋହି ଘରମୁହାଁ ହେଲା। ପିମ୍ପୁଡି ତୁଳନାରେ ପତ୍ରଟି ଖୁବ୍ ବଡ଼ ଥିଲା। ପତ୍ରଟିକୁ ବୋହିବା ପାଇଁ ତାକୁ ଖୁବ୍ ପରିଶ୍ରମ କରିବାକୁ ପଡୁଥାଏ। ବାଟରେ ଆସିଲା ନାନା ପ୍ରତିବନ୍ଧ। ତେବେ ସେ ନିଜ ନିପୁଣତାର ପରିଚୟ ଦେଇ ସମସ୍ତ ପ୍ରତିବନ୍ଧ ପାର ହୋଇଗଲା। ଶେଷରେ ସେ ପହଞ୍ଚିଲା ନିଜର ଲକ୍ଷ୍ୟ ସ୍ଥଳୀ ଗାତ ମୁହଁରେ। ପତ୍ରଟିକୁ ଗାତ ଭିତରକୁ ନେବାକୁ ଚେଷ୍ଟା କରି ସେ ବିଫଳ ହେଲା। କୌଣସି ପ୍ରକାରେ ନିଜର ଉଦ୍ୟମରେ ସଫଳ ନ ହେବାରୁ ସେଇଟିକୁ ଗାତ ବାହାରେ ଛାଡ଼ି ସେ ଭିତରେ ପଶିଗଲା। ଅର୍ଥାତ୍ ସେ ଅଯଥା ଜିନିଷଟିଏ ବୋହିଚାଲିଥିଲା ଯାହାକୁ ଶେଷରେ ସେ ଛାଡ଼ିବାକୁ ବାଧ୍ୟ ହେଲା। ମଣିଷର ଜୀବନ ବି ବହୁ ମାତ୍ରାରେ ପିମ୍ପୁଡ଼ି ପରି ନୁହେଁ କି ? ଆମେ ପରିବାର ପାଇଁ ବ୍ୟସ୍ତ। ଅର୍ଥାଭାବ ଆମକୁ ବିବ୍ରତ କରେ। ଆମ ଭିତରେ ଏମିତି ଅନେକ ଅଛନ୍ତି ଯେଉଁମାନେ ଅର୍ଥ ସଞ୍ଚିବାକୁ ଜୀବନର ଧର୍ମ ଭାବନ୍ତି। ଅସଫଳତା ଆମକୁ ଘାରେ। ସଫଳ ହେବା ପାଇଁ ଆମେ ନାନା ଅବୈଧ ପନ୍ଥାର ଆଶ୍ରୟ ନେଉ। ତେବେ ଶେଷରେ କ'ଣ ହୁଏ ? ଅନ୍ତିମ ସମୟରେ ଧନସଂପତ୍ତି, ସଂପର୍କୀୟ କୌଣସି କାମରେ ଲାଗନ୍ତିନାହିଁ। ସବୁ ଛାଡ଼ି ଏକଲା ଯିବାକୁ ପଡ଼େ।

## ମନସା ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର

ପାରାଦୀପ (ପିଏନ୍)-ପାରାଦୀପ ଅଂଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ମନସା ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ପାରାଦୀପ ମହାବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ପାରାଦୀପ ମହାବିଦ୍ୟାଳୟ ନାଭାଲ ଏନ୍.ସି.ସି. ସହଯୋଗରେ ଆୟୋଜିତ ଏହି ଶିବିରକୁ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହରନାଦ, ପାରାଦୀପ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ଶତପଥିଙ୍କ ସମେତ ଅନ୍ୟ ସମ୍ମାନନୀୟ ଅତିଥିମାନଙ୍କ ଉପସ୍ଥିତିରେ ଉଦଘାଟନ କରିଥିଲେ। ଏହି ଶିବିରକୁ ମନସା ଚାରିଟେବୁଲ୍ ଟ୍ରଷ୍ଟର ପ୍ରତିଷ୍ଠାତା ଅଧ୍ୟକ୍ଷ ମୃତ୍ୟୁଂଜୟ ମିଶ୍ର ପରିଚାଳନା କରିଥିଲେ। ଏହି ଅବସରରେ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ ରକ୍ତଦାନ ଶିବିର ଏକ ମହାନ୍ କାର୍ଯ୍ୟ, ଏଭଳି କାର୍ଯ୍ୟକୁ ସେ ଉଚ୍ଚ ପ୍ରଶଂସା କରିବା ସହ ରକ୍ତଦାତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ପବିତ୍ର ରାଧାଷ୍ଟମୀ ଅବସରରେ ପୁରୁଷମାନଙ୍କ ସହିତ ସମାନ ଭାବେ ମହିଳାମାନେ ରକ୍ତଦାନ କରିବାକୁ ଆଗ୍ରହ ପ୍ରକାଶ କରିଥିବାରୁ ଶ୍ରୀ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଶିବିରରେ ରକ୍ତଦାନ କରିଥିବା ସମସ୍ତ ରକ୍ତଦାତାମାନେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ, କାରଣ ସେମାନଙ୍କ ଠାରୁ ଅନ୍ୟମାନେ ରକ୍ତଦାନ ପାଇଁ ଶିକ୍ଷାଲାଭ କରିବେ ବୋଲି ସେ ଆଶା ପ୍ରକଟ କରିଥିଲେ।

## ବନ୍ୟା କ୍ଷୟକ୍ଷତି ରିପୋର୍ଟରୁ ସଦର ଓ ରେମୁଣା ବ୍ଲକ ବାଦ୍

ବାଲେଶ୍ୱର (ପିଏନ୍)-ଲଘୁଚାପ ଜନିତ ପ୍ରବଳ ବର୍ଷା ଓ ବନ୍ୟା ଦ୍ୱାରା ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା କ୍ଷୟକ୍ଷତି ରିପୋର୍ଟରେ ସଦର ଓ ରେମୁଣା ବ୍ଲକକୁ ବାଦ୍ ଦିଆଯାଇଥିବାରୁ ପ୍ରବଳ ଜନଅସନ୍ତୋଷ ସୃଷ୍ଟି ହୋଇଛି। ଚଳିତ ବର୍ଷାରେ ଭୋଗରାଇ, ବାଲିଆପାଳ, ଜଳେଶ୍ୱର, ବସ୍ତା ବ୍ଲକରେ ଧାନଚାଷ, ପନିପରିବା ଓ ଅନ୍ୟାନ୍ୟ ଶସ୍ୟ, ରାସ୍ତାଘାଟ, ଘର, ପାନୀୟ ଜଳ ବ୍ୟବସ୍ଥା ଆଦି ପ୍ରଭାବିତ ହୋଇଥିବା ରିପୋର୍ଟରେ ଦିଆଯାଇଥିବା ବେଳେ ରେମୁଣା ଓ ସଦର ବ୍ଲକରେ ଆଦୌ କୌଣସି କ୍ଷତି ହୋଇ ନ ଥିବା ଦର୍ଶାଯାଇ ନାମକୁ ମାତ୍ର ଯୋଡ଼ାଯାଇଥିବା ଜଣାପଡ଼ିଛି। ଏ ନେଇ ସଦର ବିଜେପି ପକ୍ଷରୁ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ସଦର ବ୍ଲକର ବାହାବଳପୁର ଛାନୁଆ, ଆଳୁମେଦା, କିରାଡ଼ିହା, ବୁଆଁଳ, ଗୋପିନାଥପୁର, ସିନ୍ଧିଆ, ପରିକ୍ଷି, ଦୁବୁଲାଗଡ଼ି ଆଦି ପଞ୍ଚାୟତର ଶହ ଶହ ହେକ୍ଟର ଜମି ବୁଢ଼ାବଳଙ୍ଗ ଓ ଜଳକା ନଦୀର ବନ୍ୟାଜଳରେ ପ୍ରଭାବିତ ହୋଇଥିବା ଜଣାଇଥିଲେ। ଏହାବ୍ୟତୀତ ମାତ୍ରାଧିକ ଭାବେ ଗଢ଼ି ଉଠିଥିବା ବେଆଇନ ଚିଙ୍ଗୁଡ଼ି ଘେରି ପାଇଁ ତଳିଆ ଜମିରୁ ପାଣି ନିଷ୍କାସନ ହୋଇପାରୁନାହିଁ। ଫଳରେ ଚାଷ ନଷ୍ଟ ହୋଇଯାଇଛି। ସେହିପରି ରେମୁଣା ବ୍ଲକର ବଡ଼ପାଳ, ମନ୍ଦାରପୁର, ଦୁର୍ଗାଦେବୀ, କଲ୍ୟାଣପୁର, ଗଣ୍ଡରଦା ଆଦି ପଞ୍ଚାୟତରେ ଶହ ଶହ ହେକ୍ଟର ଜମିରେ ସେମାନେ କରିଥିବା ଉଭୟ ଧାନ ଓ ପନିପରିବା ଚାଷ ନଷ୍ଟ ହୋଇଯାଇଛି। ଶତାଧିକ ହେକ୍ଟର ଜମିରେ ଫସଲ ବନ୍ୟା ପାଣିରେ ନଷ୍ଟ ହୋଇଥିବା ବେଳେ କ୍ଷୟକ୍ଷତି ଆକଳନ ରିପୋର୍ଟରେ ତାହା ଦର୍ଶାଯାଇ ନ ଥିବା ଅତ୍ୟନ୍ତ ପରିତାପର ବିଷୟ। ଜିଲ୍ଲା ପ୍ରଶାସନ ତୁରନ୍ତ ଏହାଉପରେ ଆଉଥରେ ବିଚାର କରିବାକୁ ୨ ବ୍ଲକରେ ଚାଷୀମାନଙ୍କ ପକ୍ଷରୁ ଦାବି କରାଯାଇଛି।

## ମରାଠା ବୀର ସମ୍ଭାଜୀ

ସମ୍ଭାଜୀ ବା ଧର୍ମବୀର ଛତ୍ରପତି ସମ୍ଭାଜୀ ରାଜେ ଭୋନସଲେ ଥିଲେ ଅଦ୍ୱିତୀୟ ମରାଠା ବୀର। ଭାରତ ଇତିହାସରେ ତାଙ୍କର ଶୌର୍ଯ୍ୟ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି। ସମ୍ଭାଜୀ ମେ ୧୪ ତାରିଖ ୧୬୫୭ରେ ପୁଣେର ପୁନ୍ଦର ଦୁର୍ଗରେ ଜନ୍ମଗ୍ରହଣ କରିଥିଲେ। ସେଥିରେ ମରାଠା ବୀର ଛତ୍ରପତି ଶିବାଜୀ ଓ ସାଇ ବୀରଙ୍କ ପୁତ୍ର। ସେ ସମୟରେ ମୋଗଲଙ୍କ ପ୍ରଧାନ ଶତ୍ରୁ ଥିଲେ ମୋଗଲ ବାଦଶାହା ଆଉରଙ୍ଗଜେବ୍। ସାରା ଭାରତରେ ଆଧିପତ୍ୟ ବିସ୍ତାର କରିବା ସହ ହିନ୍ଦୁ ରାଜ୍ୟକୁ କବଳକୁ ଆଣିବା ଲାଗି ଆଉରଙ୍ଗଜେବ୍ ମରାଠା ରାଜ୍ୟ ଉପରେ ଆକ୍ରମଣ କରିଥିଲେ। ମାତ୍ର ତାଙ୍କ ଆକ୍ରମଣକୁ ସଫଳ ହେବାକୁ ଦେଇନଥିଲେ ସମ୍ଭାଜୀ। ଯୁଦ୍ଧଭୂମିରେ ଅସାଧାରଣ ବୀରତ୍ୱର ପ୍ରଦର୍ଶନ କରି ସମ୍ଭାଜୀ ମୋଗଲ ସେନାର ନିଦ ହଜାଇ ଦେଇଥିଲେ। ତାଙ୍କ ଆକ୍ରମଣରେ ଅତିଷ୍ଠ ହୋଇପଡ଼ିଥିଲେ ଆଉରଙ୍ଗଜେବ୍। ଶେଷରେ ବିଶ୍ୱାସଘାତକତା କରି ସମ୍ଭାଜୀଙ୍କୁ କାବୁ କରି ନେଇଥିଲା ମୋଗଲ ସେନା। ତାଙ୍କୁ ଧର୍ମ ପରିବର୍ତ୍ତନ କରିବାକୁ କୁହାଯାଇଥିଲା। ମାତ୍ର ସେ ମୃତ୍ୟୁକୁ ବରଣ କରିବେ ପଛେ ଧର୍ମଦ୍ରୋହୀ ହେବେ ନାହିଁ ବୋଲି କହି ଦେଇଥିଲେ। ସେଥିପାଇଁ ତାଙ୍କୁ ଧର୍ମବୀର କୁହାଯାଇଥାଏ। ଶେଷରେ ତାଙ୍କୁ ଅକଥନୀୟ ଯନ୍ତ୍ରଣା ଦିଆଯାଇ ମୋଗଲ କାରାଗାରରେ ହତ୍ୟା କରାଯାଇଥିଲା। ନିଜ ଜୀବନକାଳରେ ସମ୍ଭାଜୀ ୧୨୦ଟି ଯୁଦ୍ଧ ଲଢ଼ିଥିଲେ। ସବୁ ଯୁଦ୍ଧରେ ତାଙ୍କରି ହିଁ ବିଜୟ ହୋଇଥିଲା। ଏଭଳି ପରାକ୍ରମ ଦେଖାଇଥିବା ବୀର ଇତିହାସରେ ମିଳିବା ବିରଳ।

## ଭୋଟର ପରିଚୟ ପତ୍ର ସହ ଆଧାର ସଂଯୋଗୀକରଣ

ଖୋର୍ଦ୍ଧା/ବୋଲଗଡ (ପିଏନ)- ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଭୋଟର ପରିଚୟ ପତ୍ର ସହ ଆଧାର କାର୍ଡ ସଂଯୋଗ ସମ୍ବନ୍ଧୀୟ ବୈଷୟିକ ସୂତ୍ର ଓ କୌଶଳ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ନୋଡାଲ ଅଫିସର ଅଧ୍ୟାପକ ସରୋଜ କୁମାର ଦାଶ ସଂଯୋଜନା କରିଥିଲେ। ଏହି ଜାତୀୟ କାର୍ଯ୍ୟକ୍ରମର ଲକ୍ଷ୍ୟ ଅନୁଯାୟୀ ଏଥିରେ ୧୮ ବର୍ଷ ଓ ତଦୁର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କଲେ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ସୁଦୃଢ଼ ହୋଇପାରିବ ବୋଲି ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବୋଲଗଡ ବ୍ଲକର ଏବିଡିଓ ଡଃ ରତିକାନ୍ତ ମିଶ୍ର ସ୍ୱତନ୍ତ୍ର ଅତିଥି ଓ ବିଷୟ ବିଶେଷଜ୍ଞ ଶିକ୍ଷକ ସୂର୍ଯ୍ୟକାନ୍ତ ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିର୍ବାଚନ ପରିଚାଳନାଜନିତ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ କରିବା ପାଇଁ ପ୍ରତ୍ୟେକ ନାଗରିକଙ୍କ ଅଧାରକାର୍ଡ ସହ ଭୋଟର ପରିଚୟପତ୍ର ସଂଯୋଗ ନିତାନ୍ତ ଜରୁରୀ ବୋଲି ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ଅଧ୍ୟାପକ ଗାନ୍ଧୀ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସାମ୍ବାଦିକଙ୍କୁ ସହାୟତା ପାଇଁ ନିବେଦନ

ଫୁଲନଖରା (ପିଏନ୍)-ସଦର ଥାନା ତେଲେଙ୍ଗାପେଣ୍ଠ ଅଞ୍ଚଳର ବରିଷ୍ଠ ସାମ୍ବାଦିକ ସୁବାସ ନାୟକ ଗୁରୁତର ଅସୁସ୍ଥ ହୋଇ ଏବେ ଚିକିତ୍ସିତ ହେଉଛନ୍ତି। ତାଙ୍କୁ କଟକ ବଡ଼ ମେଡ଼ିକାଲର ମେଡ଼ିସିନ ବିଭାଗରେ ଭର୍ତ୍ତି କରାଯାଇଛି। କିଡ଼ନୀରେ ସମସ୍ୟା ଦେଖାଯିବା ସହିତ ଉଚ୍ଚ ରକ୍ତଚାପ ଓ ମଧୁମେହ ରୋଗରେ ସେ ଆକ୍ରାନ୍ତ ହୋଇଥିବା ପରିବାର ସୂତ୍ରରୁ ପ୍ରକାଶ। ସେ ଆର୍ଥିକ ଦୁର୍ବଳ ଶ୍ରେଣୀର ହୋଇଥିବାରୁ ଚିକିତ୍ସା, ଔଷଧ ଖର୍ଚ୍ଚ ଓ ପରୀକ୍ଷା ନିରୀକ୍ଷା ପାଇଁ ତାଙ୍କୁ ସହାୟତା ପ୍ରଦାନ କରିବାକୁ ନିବେଦନ କରାଯାଇଛି। ବଦାନ୍ୟ ବ୍ୟକ୍ତିମାନେ ୯୪୩୭୨୯୨୬୯୯ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## ସୌର ବିଦ୍ୟୁତ୍‌ର ଗୁରୁତ୍ୱ

ଭୁବନେଶ୍ୱର (ପିଏନ୍): ଭାରତରେ ସୌର ବିଦ୍ୟୁତର ମୂଲ୍ୟ ହ୍ରାସ ପାଇ ଆସୁଥିବାବେଳେ ନିକଟଅତୀତରେ ଏହା ରେକର୍ଡ଼ ତଳକୁ ଖସିଛି। ମଧ୍ୟପ୍ରଦେଶର ରେୱାରେ ୭୫୦ ମେଗାୱାଟର ଏକ ସୌର ବିଦ୍ୟୁତ ପ୍ରକଳ୍ପ ପାଇଁ ହୋଇଥିବା ଟେଣ୍ଡରରେ ଦର କିଲୋୱାଟ ପିଛା ୩ଟଙ୍କା ୨୯ ପଇସା ଆସିଥିବା ଖୁସିର ବିଷୟ। ପ୍ରଥମଥର ପାଇଁ ସୌରଶକ୍ତିର ମୂଲ୍ୟ ୪ଟଙ୍କା ତଳକୁ ଖସିଛି। ଏପରିକି ଏହା ୩ଟଙ୍କା ତଳକୁ ମଧ୍ୟ ଆସିଛି ବୋଲି ଧରାଯାଉଛି କାରଣ ପ୍ରଥମ ବର୍ଷରେ ଏହା ୨ଟଙ୍କା ୯୭ ପଇସାରେ ମିଳିବ। ସୌର ବିଦ୍ୟୁତ୍ ଉଦ୍ୟୋଗର ଏହି ଧାରାକୁ ଦେଖିଲେ ଆଶା କରାଯାଉଛି ଯେ ଭାରତ ପରିବେଶ ଦୃଷ୍ଟିରୁ କ୍ଷତିକାରକ। ତାପଜ ବିଦ୍ୟୁତ୍ ଅପେକ୍ଷା ବିଶୁଦ୍ଧ ସୌର ବିଦ୍ୟୁତ୍ ଉତ୍ପାଦନ ତଥା ଉପଯୋଗ ଦିଗରେ ଅଧିକ ସଫଳତା ହାସଲ କରିପାରିବ। ତା' ସାଙ୍ଗକୁ ନିକଟରେ ଆମେରିକାର ପ୍ରସିଦ୍ଧ ଏମ୍‌ଆଇଟି ବୈଷୟିକ ଅନୁଷ୍ଠାନରେ ଗବେଷକମାନେ ଅଧିକ ଦକ୍ଷତାଯୁକ୍ତ ସୋଲାର ସେଲ ତିଆରି କରିଥିବାରୁ ତାହା ସୌର ବିଦ୍ୟୁତ୍‌ର ଗ୍ରହଣୀୟତାକୁ ବେଶୀ ବଢ଼ାଇପାରିବ। ୨୦୨୨ ମସିହା ଶେଷସୁଦ୍ଧା ଭାରତ ସୌର ବିଦ୍ୟୁତ୍ ଉତ୍ପାଦନ ପାଇଁ ଏକ ବଡ଼ ଯୋଜନା କରିଛି। ତଦନୁସାରେ ଆସନ୍ତା ୫/୬ ବର୍ଷ ମଧ୍ୟରେ ଏହାର ଉତ୍ପାଦନ କ୍ଷମତା ଏକଶହ ଗିଗାୱାଟ ଅର୍ଥାତ୍ ୧ଲକ୍ଷ ମେଗାୱାଟକୁ ବଢ଼ାଯିବ। ଯେହେତୁ ସୌରଶକ୍ତି ସଂସ୍ଥା ହେଉଛି ସେ ଦୃଷ୍ଟିରୁ ଏହି ଉତ୍ପାଦନ ଲକ୍ଷ୍ୟ ହାସଲ ହେବାରେ ଅସୁବିଧା ହେବ ନାହିଁ ବୋଲି ଆଶା କରାଯିବା ସ୍ୱାଭାବିକ। ଆଗରୁ ଏହାର ୟୁନିଟ ପିଛା ଦର ଖସି ୪ଟଙ୍କା ଉପରେ ଥିବାବେଳେ ଏବେ ମଧ୍ୟପ୍ରଦେଶ ପ୍ରସ୍ତାବରେ ଏହା ଆହୁରି ଶସ୍ତା ହୋଇଯାଇଥିବାରୁ ସରକାର ସୌର ବିଦ୍ୟୁତ୍‌କୁ ଅଧିକ ଗୁରୁତ୍ୱ ଦେବା ଉଚିତ। ରେୱା ପ୍ରକଳ୍ପରେ ଟେଣ୍ଡରରେ ସଫଳ ହୋଇଥିବା ତିନୋଟି କମ୍ପାନୀକୁ ନେଇ ଗଠିତ ଗୋଷ୍ଠୀ ଆଶା ପ୍ରକାଶ କରିଛି ଯେ ପ୍ରକଳ୍ପ ମୂଲ୍ୟରେ ସୋଲାର ପ୍ୟାନେଲର ଅଂଶ ୪୦ ପ୍ରତିଶତ ଥିବାବେଳେ ଆଗାମୀ କେଇବର୍ଷ ମଧ୍ୟରେ ତାହା ଯଥେଷ୍ଟ କମିଯିବାର ସମ୍ଭାବନା ରହିଛି। ତା'ସାଙ୍ଗକୁ ସରକାରୀ ପ୍ରୋତ୍ସାହନ ଆଦିକୁ ନେଇ କମ୍ ଦରରେ ସୌର ବିଦ୍ୟୁତ୍ ଯୋଗାଇବା ଲାଗି କମ୍ପାନୀ ଗୋଷ୍ଠୀ କମ୍ ମୂଲ୍ୟ ଦର୍ଶାଇଛି। ଅବଶ୍ୟ ଏଥିରେ ରାଜ୍ୟ ସରକାରଙ୍କ ସମର୍ଥନକୁ ପ୍ରଶଂସା କରିବା କଥା। ଏହାକୁ ଦେଖି ଅନ୍ୟ ରାଜ୍ୟଗୁଡ଼ିକ ସୌର ବିଦ୍ୟୁତ୍ ଉତ୍ପାଦନକୁ ଅଗ୍ରାଧିକାର ଦେବା ଆବଶ୍ୟକ। ଯେହେତୁ ଭାରତ ବାୟୁମଣ୍ଡଳ ପରିବର୍ତ୍ତନ ସମ୍ପର୍କିତ ପ୍ୟାରିସ ରାଜିନାମାରେ ସ୍ୱାକ୍ଷର କରିଛି ସେହିଦୃଷ୍ଟିରୁ ବିଶୁଦ୍ଧ ବିଦ୍ୟୁତ୍ ଉତ୍ପାଦନ ଯେତେ ବଢ଼ିବ ତାହା ସେତେ ସହାୟକ ହେବ। ସୌର ବିଦ୍ୟୁତ୍ ହେଉ ବା ପବନ ପରି ଅନ୍ୟ ଅକ୍ଷୟଶକ୍ତି ସୂତ୍ର ହେଉ ପ୍ରଦୂଷଣମୁକ୍ତ ବିଦ୍ୟୁତ୍ ଉତ୍ପାଦନ ବ୍ୟବସ୍ଥାକୁ ସମଗ୍ର ବିଶ୍ୱ ଏବେ ଗୁରୁତ୍ୱ ଦେଉଛି। ଭାରତ ୨୦୧୦ରୁ ଜାତୀୟ ସୌର ମିଶନ ଗଠନ କରିଥିଲେ ହେଁ ଓ ଗତ ତିନିବର୍ଷରେ ଏ ଦିଗରେ କାମ ହୋଇଥିଲେ ସୁଦ୍ଧା ଚଳିତ ଆର୍ଥିକ ବର୍ଷର ସୌର ବିଦ୍ୟୁତ୍ ଉତ୍ପାଦନ ଲକ୍ଷ୍ୟ ହେବା ନେଇ ସନ୍ଦେହ ରହିଛି। ଏପରିକି କୁହାଯାଉଛି ଯେ ୨୦୨୨ ସୁଦ୍ଧା ଧାର୍ଯ୍ୟଲକ୍ଷ୍ୟର ୭୫ ପ୍ରତିଶତ ହାସଲ ହୋଇପାରେ। ସରକାର ଧାର୍ଯ୍ୟଲକ୍ଷ୍ୟକୁ ପୂରାପୂରି ହାସଲ କରିବା ପାଇଁ ଉଦ୍ୟମ କରନ୍ତୁ। ବରଂ ଉତ୍ପାଦନ ଆହୁରି ବଢ଼ାଇବା ଲାଗି ପଦକ୍ଷେପ ନିଆଯିବା ଉଚିତ। ବିଶେଷ ଭାବରେ ସାଧାରଣ ଲୋକେ ନିଜ ଘର ଛାତ ଉପରେ ସୌରଶକ୍ତି ଉତ୍ପାଦନ କଲେ ତାହା ସେମାନଙ୍କୁ ଆର୍ଥିକ ତଥା ଅନ୍ୟାନ୍ୟ ଦୃଷ୍ଟିରୁ ଲାଭ ଦେବ। ଆମେରିକାରେ ଏମ୍‌ଆଇଟି ଗବେଷକମାନେ ଏବେ ଯେଉଁ ନୂଆ ଫଟୋ ଭୋଲଟାଇ ସେଲ ତିଆରି କରିଛନ୍ତି ତାହା ପ୍ରଚଳିତ ସେଲ୍‌ଠାରୁ ଦୁଇଗୁଣ ଅଧିକ ଦକ୍ଷ। ଏବେ ବ୍ୟବହୃତ ପିଭିସେଲ ୭ ପ୍ରତିଶତ ଦକ୍ଷତାରେ କାମ କରୁଥିବାବେଳେ ନୂଆ ସେଲ ୬୪ ପ୍ରତିଶତ ଦକ୍ଷତାରେ କାମ କରିପାରିବ ବୋଲି ଆଶା କରାଯାଉଛି। ଏଣୁ ଆଶା କରାଯାଉଛି ଯେ ସୌର ବିଦ୍ୟୁତ୍ ବୈଷୟିକ କୌଶଳରେ ଆହୁରି ପରିବର୍ତ୍ତନ ଘଟିବ ଯାହା ଏହାର ଉତ୍ପାଦିକା ଶକ୍ତିକୁ ବଢ଼ାଇବ। ଭାରତରେ ସରକାର ବଡ଼ ସୌର ପ୍ରକଳ୍ପ ସ୍ଥାପନ କରି ବିଦ୍ୟୁତ୍ ଗ୍ରୀଡ଼୍ ସହ ତାକୁ ଯୋଡ଼ିବାକୁ ଉଦ୍ୟମ କରୁଛନ୍ତି। କିନ୍ତୁ ତା'ସହ ଛାତ ଉପରେ ସୌରଶକ୍ତି ଉତ୍ପାଦନ ବଢ଼ିଲେ ସୌର ପ୍ରକଳ୍ପ ପାଇଁ ଯେପରି ଜମି ଦରକାର ପଡୁଛି ସେ ସମସ୍ୟା ରହିବ ନାହିଁ। ଏଣୁ ଏହି ସମ୍ଭାବନାର ସମସ୍ତ ଦିଗକୁ ପ୍ରୋତ୍ସାହନମୂଳକ ଦୃଷ୍ଟି ଦିଆଯିବା ଲୋଡ଼ା।

## ଜଗତସିଂହପୁର ଜିଲ୍ଲା ବିଜୁ ମହିଳା ଜନତା ଦଳ ପକ୍ଷରୁ ବୃକ୍ଷରୋପଣ



ପାରାଦୀପ (ପିଏନ୍)-ବିଜୁ ଜନତା ଦଳ (ବିଜେଡି) ପ୍ରତିଷ୍ଠାର ୨୫ ବର୍ଷ ପୂର୍ତ୍ତୀ ଅବସରରେ ଜଗତସିଂହପୁର ଜିଲ୍ଲା ବିଜୁ ମହିଳା ଜନତା ଦଳ ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପାରାଦୀପ ଉପକଣ୍ଠ ଉଦୟବଟ ଧାମ ପରିସରରେ ଏହି ମେଗା ବୃକ୍ଷରୋପଣର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପାରାଦୀପ ବିଜୁ ଜନତା ଦଳର ସଭାପତି ତଥା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୁଜଙ୍ଗ ବ୍ଲକ୍ ଅଧ୍ୟକ୍ଷା ନୀନାରାଣୀ ସାହୁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି, କୁଜଙ୍ଗ ୪ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା କନକପ୍ରଭା ବେହେରା, ପାରାଦୀପ ବିଜୁ ମହିଳା ଜନତାଦଳ ପାରାଦୀପ ନଗର ସଭାନେତ୍ରୀ ଚପଳା ସ୍ୱାଇଁ, କୁଜଙ୍ଗ ବ୍ଲକ୍ ମହିଳା ସଭାନେତ୍ରୀ ପୁଷ୍ପଲତା ବେହେରା, ପାରିଷଦ ପ୍ରଭାତୀ ନାୟକ, ପାରାଦୀପ ନଗର ଯୁବ ଜନତା ଦଳ ସଭାପତି ଆଲୋକ ମହାପାତ୍ର ପ୍ରମୁଖ ଏହି ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଜିଲ୍ଲା ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସବିତା ମହାପାତ୍ର।

## ଗଡ଼ିଲା ଡାଇରିଆ ସଚେତନତା ରଥ



ବାଲେଶ୍ୱର (ପିଏନ୍): ରାଜ୍ୟରେ ସମ୍ପ୍ରତି ଡାଇରିଆ ଆକ୍ରାନ୍ତଙ୍କ ସଂଖ୍ୟାରେ ବୃଦ୍ଧିକୁ ଲକ୍ଷ୍ୟ ରଖି ଆମ ଜିଲ୍ଲାରେ ଏହାର ନିରାକରଣ ନିମନ୍ତେ ଆରମ୍ଭ ହୋଇଛି ସଚେତନତା ଅଭିଯାନ। ଏହି ପରିପ୍ରେକ୍ଷୀରେ ଦୁଇଟି ସଚେତନତା ରଥକୁ ଜିଲ୍ଲାପାଳ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ସଚେତନତା ରଥ ଜିଲ୍ଲାର ବିଭିନ୍ନ ଅଂଚଳ ପରିକ୍ରମା କରି ଜନସାଧାରଣଙ୍କୁ ଡାଇରିଆ ସହିତ ମ୍ୟାଲେରିଆ ଓ ଡେଙ୍ଗୁ ରୋଗରୁ ସୁସ୍ଥ ହେବା ଓ ନିରୋଗ ରହିବା ନିମନ୍ତେ ସଚେତନ କରିବ। ଡାଇରିଆ ରୋଗଠାରୁ ଦୂରେଇ ରହିବା ପାଇଁ ବିଶୁଦ୍ଧ ପାନୀୟ ଜଳ ବ୍ୟବହାର କରିବା, ପରିଚ୍ଛନ୍ନତା ପ୍ରତି ବିଶେଷ ଦୃଷ୍ଟି ଦେବା ଏବଂ ନିୟମିତ ହାତ ଧୋଇବା ଓ ସଫା ରଖିବା ପାଇଁ ଏହା ବାର୍ତ୍ତା ପ୍ରଚାରିତ କରିବ। ଅନୁରୂପ ଭାବେ ମ୍ୟାଲେରିଆ ଓ ଡେଙ୍ଗୁର ପ୍ରତିକାର ନିମନ୍ତେ ମଶାରୀ ବ୍ୟବହାର କରିବା ଏବଂ ବାଡିଘର ପରିଷ୍କାର ରଖିବା ପାଇଁ ଏହା ଲୋକଙ୍କୁ ସଚେତନ କରିବ। ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଓ ଆଗୁଆ ପଦକ୍ଷେପ ଦ୍ୱାରା ଆମ ଜିଲ୍ଲାରେ ଏହି ସବୁ ରୋଗର ପ୍ରଭାବକୁ ପ୍ରତିହତ କରାଯାଇପାରିବ ବୋଲି ଜିଲ୍ଲାପାଳ ଶ୍ରୀ ଶିନ୍ଦେ ଏହି ଅବସରରେ ମତବ୍ୟକ୍ତ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦୁଲାଳସେନ ଜଗଦେବ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ର, ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଶଶାଙ୍କ ଶେଖର ଚୌଧୁରୀ, ପୌରପାଳିକା ସ୍ୱାସ୍ଥ୍ୟ ଅଧିକାରୀ ଡା. ସପନ କୁମାର ମହାନ୍ତି, ଡିପିଏମ ଶ୍ରୀ ଅନୀଲ କୁମାର ମହାନ୍ତି, ଜିଲ୍ଲା ଜନସ୍ୱାସ୍ଥ୍ୟ ଓ ସୂଚନା ଅଧିକାରୀ ଶ୍ରୀ ଶ୍ରୀକାନ୍ତ ସେଠୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀବୃନ୍ଦ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଲଣ୍ଡନ ପ୍ରବାସୀ ଓଡ଼ିଆ ସୃଜନ ସାହିତ୍ୟ ଆଲୋଚନା ଓ ଯୁବ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର (ପିଏନ୍)-କେଦାରନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଲଣ୍ଡନ ପ୍ରବାସୀ ଓଡ଼ିଆ ଡାକ୍ତର ନୀଳମାଧବ କରଙ୍କ ସୃଜନ ସାହିତ୍ୟ ଆଲୋଚନା କରାଯିବା ସହ ଯୁବ ଉଦ୍ୟୋଗୀ ଆଦିତ୍ୟ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଡାକ୍ତର ଶ୍ରୀ କର ଅନୁଷ୍ଠାନକୁ ନିମନ୍ତ୍ରିତ ହୋଇ ଆସିଥିବା ବେଳେ ସୃଜନ ସାହତ୍ୟ ସମ୍ପର୍କରେ ନିଜ ଅନୁଭୂତି ପ୍ରକାଶ କରିଥିଲେ। ସୃଜନ ନାମକ ଦ୍ୱିଭାଷୀ ପତ୍ରିକା ନିୟମିତ ପ୍ରକାଶ କରୁଥିବାରୁ ତାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ସେହିପରି ଅନୁଷ୍ଠାନ ପକ୍ଷରୁ ଯୁବ ଉଦ୍ୟୋଗୀ ଆଦିତ୍ୟ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଅନୁଷ୍ଠାନର ସଭାପତି ଅବସରପ୍ରାପ୍ତ ଆଇ.ଏ.ଏସ୍ ରଘୁନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ପ୍ରଫେସର ଶରତ ଚନ୍ଦ୍ର ରଥ ସୂଚନା ପ୍ରଦାନ କରିଥିଲେ। ଏଥିରେ ସଂପାଦକ ଡକ୍ଟର ରମେଶ ଚନ୍ଦ୍ର ପାଣି ସ୍ୱାଗି ଭାଷଣ ପ୍ରଦାନ କରିଥିବା ବେଳେ ଯୁଗ୍ମ ସମ୍ପାଦକ ଡକ୍ଟର ଦେବାଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ଭାଗିରଥୀ ମହାସୁଆର, ବିବେକାନନ୍ଦ ପାଣିଗ୍ରାହୀ, ନିର୍ମଳ ମହାପାତ୍ର, ଅମ୍ବରିଶ ଶତପଥି, ଶଶାଙ୍କଶେଖର ମହାନ୍ତି, ଜଗଦିଶ ମହାନ୍ତି, ରାଜକିଶୋର ଦାସ, ବିନୋଦିନୀ ପାତ୍ର, ପ୍ରସନ୍ନ ମହାନ୍ତି ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

## ବସ୍ତାରେ ଅହିଂସା ରଥକୁ ସମ୍ବର୍ଦ୍ଧନା



ବାଲେଶ୍ୱର (ପିଏନ୍)-ବସ୍ତାରେ ଅହିଂସା ରଥକୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ସଦାନନ୍ଦପୁର ଜିପି ଓ ବସ୍ତା ବଜାରବାସୀଙ୍କ ତରଫରୁ ସରପଞ୍ଚ ରଚିତା ମହାନ୍ତି ଓ ସମିତି ସଦସ୍ୟା ମଧୁସ୍ମିତା କର ବସ୍ତା ବଜାରସ୍ଥିତ ତାରିଣୀ ଛକଠାରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହି ମହାଉତ୍ସବରେ ବସ୍ତା ବିଜେଡ଼ିର ବରିଷ୍ଠ ନେତା ବିଜେଡ଼ି ରାଜ୍ୟ ସାଧାରଣ ସଂପାଦକ ଶ୍ୟାମପ୍ରସାଦ ବେହେରା, ପୂର୍ବତନ ସରପଞ୍ଚ ତଥା ବ୍ଲକ ସଭାପତି ଅନୀଲ ମହାନ୍ତି, ବରିଷ୍ଠ ନେତା ଶଙ୍କର କର, ବିରାଜ ସିଂଦେଓ, ଦେବାଶିଷ କର, ରିଙ୍କୁ ଦେ, ମାୟାଧର ବେହେରା, ନାରାୟଣ ସାହୁ, ଅରବିନ୍ଦ ପରମାଣିକ, ସେକ୍ ସଲାଉଦ୍ଦୀନ, ଟୁକୁ ସେଠୀ, ପ୍ରଦୀପ ବେହେରା, ଅଜୟ ଦେ, ଗଦାଧର ପାତ୍ର, ବିଜୟ ବିଶ୍ୱାଳ ଓ ସ୍ଥାନୀୟ ମିଶନ୍ ଶକ୍ତିର ମହିଳାଗଣ ତଥା ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ଦେବ ଓ ସୁଶାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବିଧାୟକଙ୍କୁ ହତ୍ୟାଧମକ ଦେଇଥିବା ଯୁବକ ଗିରଫ

ବାଲେଶ୍ୱର (ପିଏନ୍)-ବାଲେଶ୍ୱର ଜିଲ୍ଲା ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁଙ୍କୁ ହତ୍ୟା ଧମକ ଦେଇଥିବା ଯୁବକ ଯାଜପୁରରୁ ଗିରଫ ନେଇ ସୂଚନା ଦେଲେ ବାଲେଶ୍ୱର ଏସପି। ସୂଚନାଯୋଗ୍ୟ ଜଣେ ଦୁର୍ବୃତ୍ତ ହତ୍ୟା ଧମକ ଦେଇଥିବା ନେଇ ଅଭିଯୋଗ ହୋଇଥିଲା। ସୁପାରୀ କିଲର ସମେତ ୩ ଜଣ କାରରେ ଆସି ତାଙ୍କୁ ହତ୍ୟା କରିବେ ବୋଲି ମୋବାଇଲ ନମ୍ବର ୮୦୯୩୮୯୯୦୮୮ରେ ଧମକ ଦେବା ସହ ଟଙ୍କା ଦେବାକୁ କହିଥିଲେ। ଏ ସଂକ୍ରାନ୍ତରେ ବସ୍ତା ବିଧାୟକ ଏସପି ସୁଧାଂଶୁଶେଖର ମିଶ୍ରଙ୍କୁ ସୂଚନା ଦେବା ସହିତ ଏକ ଅଭିଯୋଗ କରିଥିଲେ। ଏସପି ଶ୍ରୀ ମିଶ୍ର ତୁରନ୍ତ ଏହାର ତଦନ୍ତ କରି ଯାଜପୁରରୁ ଦୁର୍ବୃତ୍ତଙ୍କୁ ଧରି ପଚରାଉଚରା କରିବା ସହିତ ଜଣକୁ କେସ ନଂ ୨୩୦/୨୨, ଇୟୁ/ଏସ ୩୮୪/୫୦୬/୫୦୭ ଆଇପିସି ଧାରାରେ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଯାଜପୁର ଜିଲ୍ଲା ମଙ୍ଗଳପୁର ପଞ୍ଚାୟତର ଏସକେ କଲିମୁଦିନଙ୍କ ପୁତ୍ର ଏସକେ ମୁଜିଆମିଲ। ତାଙ୍କୁ ବାଲେଶ୍ୱର ଏସପିଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଅଣାଯାଇ ତଦନ୍ତ କରାଯିବ ବୋଲି ଏସପି ସୂଚନା ଦେଇଛନ୍ତି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ବିଜେଡ଼ି ପାଇଁ କାର୍ଯ୍ୟ କରୁଛନ୍ତି କିଛି ମୁଷ୍ଟିମେୟ ସରକାରୀ ଅଫିସର: କଂଗ୍ରେସ

ଭୁବନେଶ୍ୱର,(ପି.ଏନ): ଓଡ଼ିଶାର ଶାସନ ବ୍ୟବସ୍ଥା ସରକାରୀ ଅଫିସର ମାନଙ୍କ ହାତକୁ ଟେକି ଦେଇଛନ୍ତି ନବୀନ ପଟ୍ଟନାୟକଙ୍କ ସରକାର। ଖୁଲମଖୁଲା ଶାସକ ବିଜୁଜନତା ଦଳ ପାଇଁ କାର୍ଯ୍ୟ କରୁଛନ୍ତି କିଛି ମୁଷ୍ଟିମେୟ ଅଫିସର। କଂଗ୍ରେସ ଦଳ ଏହି ଅଫିସରଙ୍କ ଉପରେ ନଜର ରଖିଛି ଏବଂ ସେମାନଙ୍କର କାର୍ଯ୍ୟକୁ ନିରୀକ୍ଷଣ କରୁଛି। ଏହି ମୁଷ୍ଟିମେୟ ଆଇଏଏସ, ଓଏଏସ ମାନେ ସରକାରୀ ଦଳ ପାଇଁ ଚାନ୍ଦା ଆଦାୟ କରୁଛନ୍ତି, ପୋଲିସ୍ ଅଫିସରମାନେ ବିରୋଧି ଦଳର ନେତାମାନଙ୍କ ସ୍ୱରକୁ ଦମନ କରିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେମାନେ ସରକାରୀ ଦଳର କର୍ମୀ ଭାବେ କାର୍ଯ୍ୟ କରୁଛନ୍ତି ଯାହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ଆଜି କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ପିସିସି ପ୍ରଚାର କମିଟିର ଅଧ୍ୟକ୍ଷ ଶ୍ରୀ ବିଜୟ ପଟ୍ଟନାୟକ। ଲକ୍ଷ ଲକ୍ଷ ପରୀକ୍ଷାର୍ଥୀଙ୍କ ମଧ୍ୟରେ କଠିନ ପରିଶ୍ରମ କରି କୃତକାର୍ଯ୍ୟ ହୋଇ ଆଜି ଏହି ସ୍ଥାନରେ ବସିଛନ୍ତି। ଯଦି ସେମାନେ ତାଙ୍କର କାର୍ଯ୍ୟକୁ ନିରପେକ୍ଷ ଭାବେ ତୁଲାଇବେ ନାହିଁ ତେବେ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାର ପତନ ଘଟିବ ବୋଲି କହିଥିଲେ ଶ୍ରୀ ପଟ୍ଟନାୟକ। ନିକଟରେ ଚଣ୍ଡିଗଡ଼ ମେୟର ନିର୍ବାଚନରେ ଯେଉଁପରି ଭାବେ ଗଣତନ୍ତ୍ରକୁ ହତ୍ୟାକରି ଅଗଣତାନ୍ତ୍ରିକ ପଦ୍ଧତିରେ ବିଜେପିର ମେୟର ନିର୍ବାଚିତ କରାଗଲା ପରେ ମାନ୍ୟବର ସୁପ୍ରିମ୍‌କୋର୍ଟଙ୍କ ନିଷ୍ପତିରେ ପରେ ଉକ୍ତ ସରକାରୀ ଅଫିସରଙ୍କୁ ଛାଟ ପଡ଼ିଲା ଏବଂ ଇଣ୍ଡିଆ ମେଂଟର ମେୟର ପାର୍ଥୀ ବିଜୟୀ ହେଲେ। ଏହା ଗଣତନ୍ତ୍ରକୁ ସୁରକ୍ଷିତ କରୁଛି। ଏହି ଉଦାହରଣ ଓଡ଼ିଶାରେ କାର୍ଯ୍ୟ କରୁଥିବା କିଛି ମୁଷ୍ଟିମେୟ ସରକାରୀ ଅଫିସର ମାନଙ୍କୁ ନିରୀକ୍ଷଣ କରିବାକୁ ପଡ଼ିବ। ଏହିମାନଙ୍କ ଉପରେ ମାନ୍ୟବର କୋର୍ଟ ଅଛି ସେମାନଙ୍କୁ ଜବାବ ମଧ୍ୟ ଠିକଣା ସମୟରେ ମିଳିବ। ପ୍ରଥମେ ଏହି ଅଫିସରମାନେ ସରକାରୀ କର୍ମଚାରୀଙ୍କ ପାଇଁ ଉଦ୍ଧିଷ୍ଟ ନିୟମାବଳୀକୁ ପଢ଼ୁ ଏବଂ କିପରି ନିରପେକ୍ଷ ଭାବେ କାର୍ଯ୍ୟ କରିବେ ସେଥିପ୍ରତି ଯତ୍ନବାନ ହୁଅନ୍ତୁ। ଯଦି ଆଗକୁ ବିଜୁ ଜନତା ଦଳର କର୍ମୀ ପରି କାର୍ଯ୍ୟ କରିବେ ତେବେ କଂଗ୍ରେସ ଦଳ ଚୁପ ବସିବ ନାହିଁ ରାଜ୍ୟ ଏମାନଙ୍କ ବିରୁଦ୍ଧରେ ରାଜରାସ୍ତାକୁ ଓହ୍ଲାଇବ ଏବଂ ନିର୍ବାଚନ ଆଚାର ସଂହିତା ଲାଗୁ ହେଲା ପରେ ନିର୍ବାଚନ କମିଶନରଙ୍କରେ ଦ୍ୱାରସ୍ଥ ହେବ।ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗର ଆବାହକ ଅଭିଶେକ ମହାନନ୍ଦ, ପିସିସି ମୁଖପାତ୍ର ଡ. ହମିଦ୍ ହୁସେନ୍ ଓ ନିଶିକାନ୍ତ ମିଶ୍ର ଉପସ୍ଥିତ ଥିଲେ।




# ଗଜପତି ଜିଲ୍ଲା ପ୍ରଶାସନ ନ୍ୟାୟ ଦେବାରେ ବିଫଳ, ସମସ୍ୟାକୁ ଅତି ଗୁରୁତ୍ୱ ନେଲେ ଆନ୍ତର୍ଜାତିକ ମାନବ ଅଧିକାର ରକ୍ଷକ ଜିଲ୍ଲା ସଭାପତି

ପାରଳାଖେମୁଣ୍ଡି,(ତାରିଣୀ ପ୍ରସାଦ ପଣ୍ଡା)(ପି.ଏନ): ଆଦିବାସୀ ବହୁଳ ଗଜପତି ଜିଲ୍ଲାରେ ଜିଲ୍ଲା ପ୍ରଶାସନ ନ୍ୟାୟ ଦେବାରେ ବିଫଳ ହୋଇଥିବା ଅଭିଯୋଗ ହୋଇଛି. ଏହି ଘଟଣା ନେଇ ଅନ୍ତର୍ଜାତିକ ମାନବ ଅଧିକାର ରକ୍ଷକ ଜିଲ୍ଲା ସଭାପତି କୈଳାଶ ଚ଼ନ୍ଦ୍ର ଗୌଡ଼ ଘଟଣାରେ ନ୍ୟାୟ ଦେବା ପାଇଁ ଏହାକୁ ଅତ୍ୟନ୍ତ ଗୁରୁତ୍ୱ ଦେଇଛନ୍ତି. ଘଟଣାରୁ ପ୍ରକାଶ, ଗଜପତି ଜିଲ୍ଲା ନୂଆଗଡ ଗ୍ରାମର ସୁଭାଗ୍ୟ ବଡ଼ନାୟକ ଦୀର୍ଘବର୍ଷ ଧରି ଉପଯୁକ୍ତ ନ୍ୟାୟ ପାଇବାରୁ ବଞ୍ଚିତ ଅଛନ୍ତି। ମାନ୍ୟବର ଅଦାଲତଙ୍କ ରାୟ ଓ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଆଦେଶ ସ୍ୱତେ କାର୍ଯ୍ୟକାରୀ କରୁ ନାହାନ୍ତି ତଳିଆ ବିଭାଗର କର୍ତ୍ତୃପକ୍ଷ। ଗଜପତି ଜିଲ୍ଲା ନୂଆଗଡ଼ ସଦର ମହକୁମା ନୂଆଗଡ଼ ଗ୍ରାମରେ ଏହିଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ମାନ୍ୟବର ଅଦାଲତଙ୍କ ରାୟ ଓ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଆଦେଶ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ସୁଭାଗ୍ୟ ବଡ଼ନାୟକ ପିତା; ସ୍ୱର୍ଗତ ସୁରଥ ବଡ଼ନାୟକ ନୂଆଗଡ଼ ଗ୍ରାମର କ୍ଷୁଦ୍ର ଚ଼ାଷୀ ଅଟନ୍ତି। ପିତୃ ପୁରୁଷ ଅମଳରୁ ମୁଣ୍ଡର ଝାଳ ତୁଣ୍ଡରେ ଦେଇ ନୂଆଗଡ଼ ମୌଜାର ବନ୍‌ଦୋବସ୍ତ ରାଜସ୍ୱ ଜମି ପ୍ଲଟ ନଂ- ୩୩୪,୩୩୫,୩୩୬ ଭୋଗ ଦଖଲ କରି ଚ଼ାଷ ବାସକରି ସରକାରଙ୍କୁ ରାଜସ୍ୱ ଦେଇ ଆସୁଅଛନ୍ତି। ଯାହା ୧୯୭୩ ମସିହାରେ "ରେଭନ୍ୟୁ ବୋର୍ଡ଼ ଦ୍ୱାରା ସେଟେଲମେଣ୍ଟ " କରାଯାଇଛି। ଏପରି ସ୍ଥଳେ ଗତ ୨୦୧୭ ମସିହାରେ ଅନପେକ୍ଷିତ ଭାବରେ ଉକ୍ତ ଜମିରେ ଏକ ସରକାରୀ ଅନୁଷ୍ଠାନ ଅଙ୍ଗନୱାଡ଼ି କୋଠା ନିର୍ମାଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେଲେ। ସୁଭାଗ୍ୟ ବଡନାୟକ ଦୃ ? ପ୍ରତିବାଦ କରିବା ସ୍ୱତ୍ୱେ ନୂଆଗଡ଼ ତହସିଲ କର୍ତ୍ତୃପକ୍ଷ ଆଣି କର୍ଣ୍ଣପାତ କଲେ ନାହିଁ। ଯେଉଁଥି ପାଇଁ ଏ ଗରୀବ ଚ଼ାଷୀ ଅଦାଲତର ଆଶ୍ରୟ ନେବାକୁ ବାଧ ହେଲେ। ମାନ୍ୟବର ଅଦାଲତ; ଉପର ଦର୍ଶିତ ପ୍ରଥମ ରାୟ ଅନୁଯାୟୀ ଅଙ୍ଗନୱାଡ଼ି ନିର୍ମାଣ କାର୍ଯ୍ୟ ସ୍ଥଗିତ ରଖିବା ପାଇଁ ଆଦେଶ ନାମା ଘୋଷଣା କରିଛନ୍ତି। ଉକ୍ତ ଆଦେଶ ଏ ଯାବତ୍ ବଳବତ୍ତର ରହିଅଛି। ଦ୍ୱିତୀୟତଃ ରାୟର ଆଦେଶ ନାମାକୁ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲାପାଳଙ୍କ ଦ୍ୱିତୀୟ ପତ୍ର ସଂଖ୍ୟା ଅନୁଯାୟୀ ବିଡ଼ିଓ, ତହସିଲଦାର, ନୂଆଗଡ଼ଙ୍କୁ ନିର୍ଦ୍ଦେଶ ଦେଇଅଛନ୍ତି। ଯାହା ଆଣି କାର୍ଯ୍ୟକାରୀ ହୋଇ ନାହିଁ। ଉପରୋକ୍ତ ସମସ୍ତ ଆଇନ୍ ବିରୁଦ୍ଧି କାର୍ଯ୍ୟ କଳାପ ବିରୁଦ୍ଧରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚ଼ାଳନା ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଏହି ସଂକ୍ରାନ୍ତରେ ଅଭିଯୋଗ କରି ଆସୁଛନ୍ତି କର୍ତ୍ତୃପକ୍ଷ କର୍ଣ୍ଣପାତ ନ କରିବାରୁ। ସୁଭାଗ୍ୟ ବଡ଼ନାୟକ ଆମ ଗଜପତି ଜିଲ୍ଲା ପ୍ରତିନିଧି ତାରିଣୀ ପ୍ରସାଦ ପଣ୍ଡାଙ୍କୁ ସୂଚ଼ନା ଦେଇ କହିଛନ୍ତିଯେ ମୁଁ ପରିଶେଷରେ ଆଇନ୍ ବିଭାଗର ଅତିରିକ୍ତ ସଚ଼ିବଙ୍କୁ ଗତ ତା-୦୪-୧୨-୨୦୨୩ ରିଖରେ ବିଷୟବସ୍ତୁ ଉପସ୍ଥାପନ କରିଥିଲେ, ଅଭିଯୋଗ ପତ୍ରକୁ ଭିତ୍ତିକରି ମାନ୍ୟବର ଆଇନ୍ ବିଭାଗର ଅତିରିକ୍ତ ସଚ଼ିବ ଅଦାଲତର ରାୟକୁ କାର୍ଯ୍ୟକାରୀ କରିବା ପାଇଁ ଗତ ତା- ୦୧-୦୨-୨୦୨୪ ରିଖରେ ତୃତୀୟ ନିର୍ଦ୍ଦେଶନାମା ପ୍ରକାରେ ମହିଳା ଓ ଶିଶୁ ବିଭାଗର ଅତିରିକ୍ତ ସଚ଼ିବ ଓ ଗଜପତି ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତହସିଲ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଜିଲ୍ଲା ସ୍ତର, ଓ ରାଜ୍ୟ ସରକାରଙ୍କୁ ଅବଗତ କରାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ପ୍ରକାର ସୁଫଳ ମିଳି ପାରିନାହିଁ। ଶେଷର କୌଣସି ସୁଫଳ ନମିଳିବାରୁ ସୁଭାଗ୍ୟ ବଡ଼ନାୟକ ବାଧ ହୋଇ ଅନ୍ତରାଷ୍ଟ୍ରୀୟ ମାନବାଧିକାର ରକ୍ଷକ ସଂଗଠନର ସହଯୋଗ ଲୋଡ଼ିଛନ୍ତି। ମାନବାଧିକାର ରକ୍ଷକର ସଂଗଠନ ଏହି ମାମଲାକୁ ଅତି ଗମ୍ଭୀରତାର ସହ ନେବା ସହ ଏକ ଦୃ ? ପଦକ୍ଷେପ ଗ୍ରହଣ କରିଛନ୍ତି। ଗଜପତି ଜିଲ୍ଲା ମାନବାଧିକାର ରକ୍ଷକର ଜିଲ୍ଲା ସଭାପତି କୈଳାସ ଚ଼ନ୍ଦ୍ର ଗୌଡ଼ଙ୍କ ନେତୃତ୍ୱରେ ଉକ୍ତ ସଂଗଠନର ସମସ୍ତ କାର୍ଯ୍ୟକର୍ତା ମାନେ ଗତ ତା- ୧୩-୦୨-୨୦୨୪ ରିଖରେ ଏହି ସମସ୍ୟା ସମ୍ପର୍କରେ ଗଜପତି ଜିଲ୍ଲାପାଳଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ।

# ମାଘରେ ଗ୍ରୀଷ୍ମର ଆଗମନ ପାରଳାଖେମୁଣ୍ଡିରେ ତରଭୁଜ ବେପାର ଜମୁଛି : ମଜା ନେଉଛନ୍ତି ପଥଚ଼ାରୀ !!!

ପାରଳାଖେମୁଣ୍ଡି,(ତାରିଣୀ ପ୍ରସାଦ ପଣ୍ଡା)(ପି.ଏନ): ମାଘ ମାସର ଶୀତ ଦିନରେ ବର୍ତ୍ତମାନ ଗଜପତି ଜିଲ୍ଲାରେ ଗ୍ରୀଷ୍ମ ଋତୁ ଭଳି ପ୍ରବଳ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଯାଇଛି. ଆଗମନ ଖରା ବଢିବା ସହିତ ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ରେ ଜମୁଛି ତରଭୁଜ ବେପାର ! ଦିନକୁ ଦିନ ତାପମାତ୍ରା ବଢୁଛି । ତା ସାଙ୍ଗକୁ ରାସ୍ତା କଡରେ ତରଭୁଜ ଜମୁଛି ! ଖରା ଯେତେ ବଢିବ , ବେପାର ସେତେ ପରିମାଣ ଅଧିକ ହେବ ବୋଲି ବେପାରୀ ପ୍ରକାଶ କରିଛନ୍ତି । ସହର ର ବିଭିନ୍ନ ଛକ ରେ ବିକ୍ରି ବଟା। କରୁଛନ୍ତି । ବିଶେଷ କରି ଛାତ୍ର ଛାତ୍ରୀ , ସହର କୁ ଆସୁଥିବା ପଥଚ଼ାରୀ ତରଭୁଜ କିଣି ଥାନ୍ତି । କାସିନଗର ବ୍ଲକ ର ବିଭିନ୍ନ ଅଂଚ଼ଳରେ ଉତ୍ପାଦନ ହେଉଛି ତରଭୁଜ , ଏବଂ ପଡୋଶୀ ରାଜ୍ୟ ରୁ କିଣି ଆଣି ବିକ୍ରି ବଟା କରିଥାନ୍ତି ବ୍ୟବସାୟୀ ।

# ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଏକ ଐତିହାସିକ ନିଷ୍ପତି



ଭୁବନେଶ୍ୱର,(ପି.ଏନ):ଗତ ଫେବୃୟାରୀ ୧୪ ତାରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଘୋଷଣା କରାଯାଇଛି। ଯାହାକି ରାଜ୍ୟର ଲକ୍ଷ ଲକ୍ଷ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳାଇ ଦେଇଛି। ରାଜ୍ୟ ସରକାରଙ୍କ ଏହି ଘୋଷଣାକୁ ଐତିହାସିକ ବୋଲି କହିବା ସହ ରାଜ୍ୟ ସରକାରଙ୍କୁ ରାଜ୍ୟ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ନିଜସ୍ୱ ସଂଗଠନ ଓଡିଶା ଶିଳ୍ପୀ ମହାସଂଘ କୃତଜ୍ଞତା ଜଣାଇଛି। ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ପରିସରରେ ଆମେ କୃତଜ୍ଞ ବୋଲି ବୁଣାକାର ଓ କାରିଗର ସମାବେଶର ଆୟୋଜନ କରି ଓଡିଶା ଶିଳ୍ପୀ ମହାସଂଘ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛି। ସୂଚନା ଥାଉକି, ଗତ ୨୦୧୯ ମସିହା ମାର୍ଚ୍ଚ ମାସ ୫ ତାରିଖରେ ଓଡିଶା ଶିଳ୍ପୀ ମହାସଂଘର ବାରଂବାର ଅନୁରୋଧ ପରେ ମୁଖ୍ୟମନ୍ତ୍ରୀ ବରିଷ୍ଠ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ପାଇଁ ମାସିକ ଆର୍ଥିକ ସହାୟତା କଥା ଘୋଷଣା କରିଥିଲେ। ବିଡମ୍ବନାର ବିଷୟ ରାଜ୍ୟ ସରକାରଙ୍କ ଏହି ଘୋଷଣା କାର୍ଯ୍ୟକାରୀ ହୋଇ ପାରିନଥିଲା। ହତୋତ୍ସାହ ନହୋଇ ଓଡିଶା ଶିଳ୍ପୀ ମହାସଂଘ ଦୀର୍ଘ ୫ ବର୍ଷ ଧରି ଧାରଣା, ସମାବେଶ ଓ ପତ୍ରାଳାପ ମାଧ୍ୟମରେ ସରକାରଙ୍କୁ ଏହି ଘୋଷଣା କାର୍ଯ୍ୟକାରୀ କରିବାକୁ ଦାବୀ ଜଣାଇ ଆସୁଥିଲା। ଶେଷରେ ମୁଖ୍ୟମନ୍ତ୍ରୀ ଓଡିଶା ଶିଳ୍ପୀ ମହାସଂଘର ଅନୁରୋଧ ରକ୍ଷା କରିଥିଲେ ଓ ଗତ ୧୪ ତାରିଖରେ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ପାଇଁ ମାସିକ ଆର୍ଥିକ ସହାୟତା ଯୋଜନା ଭଳି ଏକ ବଡ ଉପହାର ଭେଟି ଦେଇଥିଲେ। ଏହି ଯୋଜନା ଅଧୀନରେ ଉଭୟ ୪୦ ବର୍ଷର ମହିଳା ଓ ୫୦ ବର୍ଷର ପୁରୁଷ ହସ୍ତଶିଳ୍ପୀ ଏବଂ ବୁଣାକାରଙ୍କୁ ମାସକ ଆର୍ଥିକ ସହାୟତା ବାବଦକୁ ୨୦୦୦ ଟଙ୍କା ପ୍ରଦାନ କରାଯିବ। ସେହିଭଳି ୮୦ ବର୍ଷରୁ ଉର୍ଦ୍ଧ ହସ୍ତଶିଳ୍ପୀ ଓ ବୁଣାକାରଙ୍କୁ ମାସିକ ୨୫୦୦ଟଙ୍କା ପ୍ରଦାନ କରାଯିବ। ବର୍ଷକୁ ୧ ଲକ୍ଷଟଙ୍କାରୁ କମ ଆୟ କରୁଥିବା ଆର୍ଥିକ ଭାବେ ଦୁର୍ବଳ ବୁଣାକାର ଓ ହସ୍ତଶିଳ୍ପୀଙ୍କ ପାଇଁ ଏହି ଯୋଜନା ଉଦ୍ଧିଷ୍ଟ ଅଟେ। ଓଡିଶା ଶିଳ୍ପୀ ମହାସଂଘର ସଭାପତି ଉଦୟ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥୀ ଭାବେ ଶିଳ୍ପୀ ମହାସଂଘର ମୁଖ୍ୟ ଉପଦେଷ୍ଟା ପଦ୍ମ ବିଭୂଷଣ ସୁଦର୍ଶନ ସାହୁ ପ୍ରଦୀପ ଜାଳି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ନିଜ ବକ୍ତବ୍ୟରେ ଶ୍ରୀ ସାହୁ ରାଜ୍ୟ ସରକାରଙ୍କ ଉଚ୍ଚ ପ୍ରଶଂସା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ପାଇଁ ଏକ ସ୍ୱୀକୃତି ଭଳି ଅଟେ। ଆର୍ଥିକ ଅନଟନ ମଧ୍ୟରେ ପିଢୀ ପରେ ପିଢୀ କଳାର ପରଂପରାକୁ ବଂଚାଇ ଆସିଥିବା ଅନେକ ଶିଳ୍ପୀ ଓ ବୁଣାକାର ପରିବାର ପାଇଁ ମାସିକ ଆର୍ଥିକ ସହାୟତା ଯୋଜନା ଅନେକ ଖୁସି ଆଣି ଦେବ ବୋଲି ପଦ୍ମ ବିଭୂଷଣ ସୁଦର୍ଶନ ସାହୁ କହିଥିଲେ। ନିଜ ବକ୍ତବ୍ୟରେ ଶିଳ୍ପୀ ମହାସଂଘର ସଭାପତି ଉଦୟ ମହାନ୍ତି, ରାଜ୍ୟ ସରକାରଙ୍କୁ ଉଚ୍ଚ ପ୍ରଶଂସା କରିବା ସହ ଏହି ଯୋଜନା ନିର୍ବାଚନ ପୂର୍ବରୁ ଲାଗୁ କରିବାକୁ ଅନୁରୋଧ କରିଥିଲେ। ଅନ୍ୟତମ ଅତିଥୀ ଭାବେ ମହାସଂଘର ଉପଦେଷ୍ଟା ସିଦ୍ଧାର୍ଥ ଘୋଷ, ସଂଗଠନ ସଂପାଦିକା ସରୋଜିନୀ ଦାସ, ଉପ ସଭାପତି ଶରତ ପ୍ରଧାନ , ବାଲେଶ୍ୱର ଜିଲ୍ଲା ସଭାନେତ୍ରୀ ବାସନ୍ତୀ ନାୟକ, ଶିଳ୍ପୀ ସଂଗଠକ ବିପିନ ବିହାରୀ ସାହୁ, ଫିଓ ର ଓଡିଶା ଚାପଟର ମୁଖ୍ୟ କମଳ ସାହୁ, ଶିକ୍ଷା ଟ୍ରଷ୍ଟ ମୁଖ୍ୟ ଇ. ଆଲେକଜାଣ୍ଡର ଦାସ ,ଶିଳ୍ପୀ ସଂଗଠକ ଦିଲ୍ଲିପ ପଟ୍ଟନାୟକ, ବରିଷ୍ଠ ବୁଣାକର ଲକ୍ଷ୍ମୀଧର ଚାନ୍ଦ,ଜମ୍ନେଶ୍ୱର ବେହେରା, ଦେବୀ ପ୍ରସନ୍ନ ନନ୍ଦ, ଆଦରମଣୀ ବରାଳ ପ୍ରମୁଖ ନିଜ ବକ୍ତବ୍ୟରେ ଶିଳ୍ପୀ ଓ ବୁଣାକାର ଏକତା ସଂପର୍କରେ ନିଜ ବକ୍ତବ୍ୟ ରଖିଥିଲେ। ଏହି ସମାବେଶରେ ସାରା ରାଜ୍ୟରୁ ୮ ଶହରୁ ଉର୍ଦ୍ଧ ହସ୍ତଶିଳ୍ପୀ ଓ ବୁଣାକାର ସାମିଲ ହୋଇଥିଲେ। ବୈଠକ ପ୍ରାରମ୍ଭରେ ଓଡିଶା ଶିଳ୍ପୀ ମହାସଂଘର ବିଭିନ୍ନ ଜିଲ୍ଲା ଶାଖା ପକ୍ଷରୁ ମହାସଂଘର ମୁଖ୍ୟ ଉପଦେଷ୍ଟା, ପଦ୍ମ ବିଭୂଷଣ ସୁଦର୍ଶନ ସାହୁ, ସଭାପତି ଉଦୟ ମହାନ୍ତି ଓ ସଂପାଦକ ପ୍ରିୟରଂଜନ କରଙ୍କୁ ଉତରିୟ ପ୍ରଦାନ କରି ସଂବର୍ଦ୍ଧିତ କରାଯାଇଥିଲା। ପରେ ଓଡିଶା ଶିଳ୍ପୀ ମହାସଂଘ ପକ୍ଷରୁ ସଭାପତି ଉଦୟ ମହାନ୍ତି ମହାସଂଘର ଶହେରୁ ଉର୍ଦ୍ଧ ପ୍ରମୁଖ କର୍ମକର୍ତା ଓ ଶୁଭେଚ୍ଛୁମାନଙ୍କୁ ଉତରୀୟ ଓ ଫୁଲଗଛ ଦେଇ ସମ୍ମାନିତ କରିଥିଲେ। ଶିଳ୍ପୀ ମହାସଂଘର ସଂପାଦକ ପ୍ରିୟରଂଜନ କର ମଂଚ ପରିଚାଳନା କରିଥିବାବେଳେ ଖୋର୍ଦ୍ଧ ଜିଲ୍ଲା ସଭାପତି ଗଗନ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମର ପରିଚାଳନାରେ ଜବାର ଖାନ, ଇନ୍ଦିରା ପାତ୍ର, ଅଶୋକ କୁମାର ଗୁଇଁ, ବୈଷ୍ଣବ ମହାରଣା, ନିରଂଜନ ମୁଖୀ, ଦ୍ୱିଜବର ଦାସ, ଜିତେନ୍ଦ୍ର ପରିଡା, ସଂଜୟ ମୁଦୁଲି, ଜମ୍ନେଶ୍ୱର ବେହେରା,ପ୍ରଶାନ୍ତ ବେହେରା, ଅଜୟ ଜଗଦେବ, ଗୌର ରଣା, ଅଂଜୁଲତା ବେହେରା, ସନ୍ତୋଷ ଓଝା, ସନ୍ତୋଷ କାମିଲା, ନରେନ୍ଦ୍ର ରଣା, ଖଗେଶ୍ୱର ମଲ୍ଲିକ, ଆନନ୍ଦ ନାୟକ, ଅଚ୍ୟୁତାନନ୍ଦ ମହାରଣା, ଶରତ ମହାରଣା , ବେବୀରାଣୀ ଜେନା, ସଂଧ୍ୟାରାଣୀ ଗିରି, ମିନତୀ ବର,ଦିପ୍ତୀରାଣୀ ବେହେରା, ସଂଜ୍ଞା ସିଲ, ପ୍ରଣତି ଦାସ ପ୍ରମୁଖ ସହଯୋଗ କରିଥିଲେ।





2024-2025



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

